◆ Bhubaneswar, May 16-31, 2026
◆ ଭୁବନେଶ୍ୱର, ମଇ ୧୬-୩୧, ୨୦୨୬
◆ Vol. -09 ◆ Issue -11
◆ ଭାଗ-୦୯ ◆ ସଂଖ୍ୟା-୧୧
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY
RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda

## ବିଜୟଙ୍କ ବିଜୟବାନା ଉଡିଲା

ଚେନ୍ନାଇ: ସି ଜୋସେଫ୍ ବିଜୟ ନିର୍ବାଚନରେ ଡିଏମ୍‌କେକୁ ପରାସ୍ତ କରିବାର କିଛି ଦିନ ପରେ ରବିବାର ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଯୁବପିଢ଼ି ଏବଂ ଅଭିଜ୍ଞତାର ମିଶ୍ରଣରେ ଗଠିତ ଏକ ୯ ଜଣିଆ କ୍ୟାବିନେଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶାସନରେ ସହାୟତା କରିବା ପାଇଁ ଶପଥ ଗ୍ରହଣ କରାଯାଇଥିଲା।

୧୯୭୦ ଦଶକରେ କୋଏମ୍ବାଟୁରର କୁଲ୍ଲାପାଲୟମ ପଞ୍ଚାୟତର ନେତା ଭାବରେ ତାଙ୍କର ପ୍ରାରମ୍ଭିକ ଦିନରୁ, ସେଙ୍ଗୋଟାଇୟାନ୍ ତାମିଲନାଡୁ ରାଜନୀତିରେ ଏକ ମହଲାଯୁକ୍ତ ୫୦ ବର୍ଷର କ୍ୟାରିଅର୍ ସୃଷ୍ଟି କରିଛନ୍ତି। ଜଣେ ତୃଣମୂଳ ସ୍ତରର ଦଳୀୟ କର୍ମୀରୁ ୧୦ ଥର ବିଧାୟକ ହେବା ପର୍ଯ୍ୟନ୍ତ ତାଙ୍କର ଯାତ୍ରା ତାଙ୍କ ରାଜନୈତିକ ଧୈର୍ଯ୍ୟର ପ୍ରମାଣ ସ୍ୱରୂପ ରହିଛି। ୧୯୪୮ ମସିହାରେ ଜନ୍ମଗ୍ରହଣ କରିଥିବା ସେଙ୍ଗୋଟାଇୟାନ୍ ମାତ୍ର ୨୯ ବର୍ଷ ବୟସରୁ ତାଙ୍କର ଉତ୍ଥାନ ଆରମ୍ଭ ହୋଇଥିଲା।

# ରାଜ୍ୟକୁ ନିନ୍ଦିତ କରୁଛି ବାଲିଅନ୍ତା ମବ୍ ଲିଂଚିଂ ଘଟଣା



## ଘଟଣାସ୍ଥଳ ପରିଦର୍ଶନ କଲେ ଡିଜିପି

ଭୁବନେଶ୍ୱର :ଓଡିଶାର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି. ଖୁରାନିଆ ଶୁକ୍ରବାର ଡିସିପି ଜଗମୋହନ ମୀନାଙ୍କ ସହ ବାଲିଅନ୍ତାର ଭିଙ୍ଗାରପୁର ଅଞ୍ଚଳ ପରିଦର୍ଶନ କରି ସମ୍ପ୍ରତି ଘଟିଥିବା ମବ୍ ଲିଞ୍ଚିଂ ଘଟଣା ପରେ ସ୍ଥିତିର ତଦାରଖ କରିଛନ୍ତି। ଏହି ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ରିପୋର୍ଟ ଅନୁଯାୟୀ, ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଥିଲେ। ନିରୀକ୍ଷଣ ଏବଂ ତଦନ୍ତ ସମୟରେ ବାଲିଅନ୍ତା ଥାନା ପୁଲିସ ଅଧିକାରୀମାନେ ମଧ ସେମାନଙ୍କ ସହ ଉପସ୍ଥିତ ଥିଲେ।

ଘଟଣାସ୍ଥଳ ପରିଦର୍ଶନ ପରେ ଗଣମାଧ୍ୟମ ସହ କଥାବାର୍ତ୍ତାରେ ଡିଜିପି ୱାଇ.ବି. ଖୁରାନିଆ କହିଛନ୍ତି, "ଗତକାଲି ଏଠାରେ ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ଆମେ ମୂଳ ସ୍ଥିତି ଆକଳନ କରିବାକୁ ଆସିଛୁ। କମିଶନରେଟ୍ ପୁଲିସ ବିସ୍ତୃତ ତଦନ୍ତ ପରେ ଉଦାହରଣସ୍ୱରୂପ କଠୋର କାର୍ଯ୍ୟାନୁଷ୍ଠାନ ନେବ। ଏପର୍ଯ୍ୟନ୍ତ ପାଞ୍ଚ ଜଣଙ୍କୁ ଗିରଫ କରାଯାଇଛି ଏବଂ ତଦନ୍ତ ଆଗକୁ ବଢ଼ିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ ଗିରଫ କରାଯିବ।"ଏହି ଘଟଣା ଗୁରୁବାର ଦିନ ଘଟିଥିଲା, ଯେତେବେଳେ ଏକ ମୋଟରସାଇକେଲ ଧକ୍କା ପରେ ଦୁଇ ଜଣ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଥିଲା।

ଭୁବନେଶ୍ୱର : ଓଡିଶା ରାଜ୍ୟ ମହିଳା ଆୟୋଗ ଶୁକ୍ରବାର ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଘଟିଥିବା ଚର୍ଚ୍ଚିତ ମବ୍ ଲିଂଚିଂ ଘଟଣାର ତଦନ୍ତ ଆରମ୍ଭ କରିଛି।

ଆୟୋଗର ଅଧକ୍ଷା ଶୋଭନା ମହାନ୍ତିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଘଟଣାର ତଦନ୍ତ କରିଥିଲା। ଦଳ ହିଂସାତ୍ମକ ଘଟଣା ଘଟିଥିବା ସ୍ଥାନର ଯାଂଚ କରିବା ପରେ ପୀଡିତାଙ୍କ ଘରକୁ ଯାଇ ତାଙ୍କର ବୟାନ ରେକର୍ଡ କରିଥିଲା। ତଦନ୍ତ ପରେ ଶୋଭନା ମହାନ୍ତି କହିଥିଲେ ଯେ,

### ତଦନ୍ତ ଆରମ୍ଭ କଲା ରାଜ୍ୟ ମହିଳା କମିଶନ

ଏହି ମାମଲାରେ ଦୋଷୀ ପ୍ରମାଣିତ ହେବାକୁଥିବା ସମସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସ୍ପଷ୍ଟ କରିଦେଇଛନ୍ତି ଯେ, ଏହି ଘଟଣାର କୌଣସି ଅଭିଯୁକ୍ତଙ୍କୁ ଛଡାଯିବ ନାହିଁ।

ସେ କହିଛନ୍ତି ଯେ, ଆୟୋଗ ସାକ୍ଷ୍ୟ, ପ୍ରମାଣ ଏବଂ ତଥ୍ୟ ଆଧାରରେ ବିସ୍ତୃତ ତଦନ୍ତ କରିବ।ଓଡିଶା ରାଜ୍ୟ ମହିଳା ଆୟୋଗର ଅଧକ୍ଷା ଶୋଭନା ମହାନ୍ତି କହିଥିଲେ, "ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିର୍ଦ୍ଦେଶରେ ଆୟୋଗର ଏକ ବିଶେଷ ଦଳ ଘଟଣାସ୍ଥଳରେ ପହଞ୍ଚିଛି। ଆମେ ଆମର ତଦନ୍ତ ଜାରି ରଖିବୁ ଏବଂ ବିସ୍ତୃତ ରିପୋର୍ଟ ଦାଖଲ କରିବୁ। ଏହି ମାମଲାରେ ପୁଲିସ ପ୍ରଶାସନର ସହଯୋଗ ମଧ ନିଆଯାଉଛି। ଆମେ ପୀଡିତା ଏବଂ ମୃତକ ଉଭୟଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ବିସ୍ତୃତ ତଥ୍ୟ ସଂଗ୍ରହ କରିବୁ।"

## ସୌମ୍ୟଙ୍କ ନାଁରେ ଆଗରୁ ମହିଳା ଥାନାରେ ମାମଲା ଥିଲା :ଜିଆରପି ଏସପି

ଭୁବନେଶ୍ୱର :ବାଲିଅନ୍ତା ମର୍ଡର ଘଟଣାରେ ଜିଆରପି ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା ପ୍ରତିକ୍ରିୟା ରଖି କହିଛନ୍ତି ଯେ, ସୌମ୍ୟରଞ୍ଜନ ଏପ୍ରିଲ ୨୫ରୁ କାର୍ଯ୍ୟରେ ଅନୁପସ୍ଥିତ ଥିଲେ । ୨୦୧୪ରୁ କନ୍‌ଷ୍ଟେବଲ ଭାବେ ଜିଆରପିରେ ଯୋଗ ଦେଇଥିଲେ । ବିଭିନ୍ନ ସମୟରେ ଅନୁପସ୍ଥିତ ରହୁଥିବାରୁ ଦରମା ବନ୍ଦ କରାଯାଇଥିଲା । କନ୍‌ଷ୍ଟେବଲଙ୍କ ହତ୍ୟା ନେଇ ଭୁବନେଶ୍ୱର ଡିସିପି ସହ କଥା ହୋଇଛି । ସୌମ୍ୟଙ୍କ ନାଁରେ ୨୦୨୧ରେ ମହିଳା ଥାନାରେ ମଧ ଏକ କେସ୍ ଥିଲା ବୋଲି ସେ କହିଛନ୍ତି।

## ମୁହଁ ଖୋଲିଲେ ଯୁବତୀ

ଭୁବନେଶ୍ୱର :ବାଲିଅନ୍ତାରେ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣାରେ ମୁହଁ ପ୍ରତିକ୍ରିୟା ରଖିଛନ୍ତି ଯୁବତୀ । ସେ କହିଛନ୍ତି ଯେ, ମୋତେ ଓ ମୋ ସାଙ୍ଗକୁ ଅସଦାଚରଣ କରିଥିଲେ ୨ ଯୁବକ । ଆଗରୁ ସେମାନଙ୍କୁ କେବେ କେଉଁଠି ଦେଖିନଥିବା ଯୁବତୀ କହିଛନ୍ତି । ଯୁବତୀ କହିଛନ୍ତି ଯେ, ମୁଁ ଓ ମୋ ସାଙ୍ଗ ସ୍କୁଟରରେ ମାଉସୀ ଘରକୁ ଯାଉଥିଲୁ । ବାଟରେ ସେମାନେ ଆମକୁ ପ୍ରଥମେ କିଛି କହିଥିଲେ । ପରେ ପଛକୁ ଫେରି ଆମ ଗାଡ଼ିକୁ ଧକ୍କା ଦେଇ ଅସଦାଚରଣ କରିଥିଲେ । ସ୍ଥାନୀୟ ଲୋକେ ଆସିଲେ ବୋଲି ମୁଁ ଆଜି ବଞ୍ଚିଛି ବୋଲି କହିଛନ୍ତି ଯୁବତୀ ।

# ଖର୍ଚ୍ଚ କମାଇବାକୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରାମର୍ଶ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଦେଶବାସୀଙ୍କୁ ପେଟ୍ରୋଲ, ଡିଜେଲ୍, ଖାଇବା ତେଲ ବ୍ୟବହାର କମାଇବା, ବର୍ଷକ ପର୍ଯ୍ୟନ୍ତ ସୁନା ନ କିଣିବା, ବିଦେଶ ଭ୍ରମଣକୁ ଏଡାଇବା ଓ ୱାର୍କ-ଫ୍ରମ୍-ହୋମ୍‌ରେ କାମ କରିବାକୁ ଆହ୍ୱାନ ଦେଇଥିଲେ। ତାଙ୍କର ସେହି ଆହ୍ୱାନକୁ ନେଇ ସାରା ଦେଶରେ ଏବେ ଚର୍ଚ୍ଚା ଚାଲିଛି। ଦେଶ ଘୋର ଆର୍ଥିକ ସଙ୍କଟରେ ପଡିଯାଇଥିବା ଅନୁମାନ କରାଯାଉଛି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ସେହି ଆହ୍ୱାନର ପଛର ଗଣିତ ହେଉଛି ସମ୍ପୂର୍ଣ୍ଣ ଅଲଗା। ସେ ଚାହୁଁଛନ୍ତି ଡଲାର ସଞ୍ଚୟ ହେଉ, ଯାହା ଫଳରେ ଦେଶର ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାର ସୁରକ୍ଷିତ ରହିପାରିବ। ଭାରତ ହେଉଛି ଏଭଳି ଏକ ଦେଶ ଯାହା ତେଲଠାରୁ ଆରମ୍ଭ କରି ସୁନା, ସାର ଆଦି ବହୁ ଜିନିଷ ଆମଦାନି କରିବାରେ ପ୍ରତିବର୍ଷ ବିପୁଳ ଡଲାର ଖର୍ଚ୍ଚ କରୁଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଶ୍ୱବ୍ୟାପୀ ବିଭ୍ରାଟ ଦେଖାଦେଇଥିବା ବେଳେ ଅଶୋଧିତ ତେଲ ମହଙ୍ଗା ହୋଇଛି। ଜିନିଷ କିଣିବାକୁ ପୂର୍ବାପେକ୍ଷା ଅଧିକ ଡଲାର ଗଣିବାକୁ ପଡୁଛି। ପ୍ରଧାନମନ୍ତ୍ରୀଙ୍କ ପ୍ରତିଟି ଶବ୍ଦ ପଛରେ ରହିଛି ଗଣିତ।

## ମୁଖ୍ୟମନ୍ତ୍ରୀଙ୍କ କାର୍‌କେଡ୍‌ର ଗାଡିସଂଖ୍ୟା ଅଧା ହେଲା

**ଭୁବନେଶ୍ୱର :** ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁଁ ସମଗ୍ର ବିଶ୍ୱରେ ଦେଖାଦେଇଥିବା ତୈଳ ସଂକଟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ବିଭିନ୍ନ ଖର୍ଚ୍ଚକୋଟ, ବିଶେଷକରି ପେଟ୍ରୋଲ ବ୍ୟବହାର କମ୍ କିବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ସ୍ୱାଗତ କରି ତାଙ୍କ ନିଜ ବ୍ୟକ୍ତିଗତ ସୁରକ୍ଷା ପାଇଁ ଯାଉଥିବା ଗାଡି ଗୁଡିକୁ କମ୍ କରି ଅଧା କରିଦେଇଛନ୍ତି। ଏହା ସହିତ, ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନକୁ ଗୁରୁତ୍ୱ ଦେଇ, ବ୍ୟକ୍ତିଗତ ଗାଡିରେ ଯିବାଆସିବା କମ୍ କରିବା ସହିତ, ଅଧିକ ମାତ୍ରାରେ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରିବାକୁ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। କେବଳ ଆବଶ୍ୟକ ସ୍ଥଳରେ ଗାଡି ବ୍ୟବହାର କରି ଅନାବଶ୍ୟକ ବ୍ୟବହାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ସୁନା ନକିଣିବା ଓ ଅନାବଶ୍ୟକ ବିଦେଶଗସ୍ତ ନକରିବାକୁ ମଧ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଧାମରା ବନ୍ଦର ଅଞ୍ଚଳରେ ହେବ ଶିଳ୍ପ

(ଜୀତେନ୍ଦ୍ର ପତି)

**ଭୁବନେଶ୍ୱର:** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁଜରାଟରୁ ୪୩,୩୩୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ନେଇ ଫେରିବାର କିଛି ଦିନ ଭିତରେ ପ୍ରକଳ୍ପଗୁଡିକୁ ଶୀଘ୍ର କାର୍ଯ୍ୟକାରୀ କରିବା ଉଦ୍ୟମ ଆରମ୍ଭ ହୋଇଛି। ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ନିବେଶ ପ୍ରସ୍ତାବଗୁଡିକ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇଥିଲା। ବୈଠକରୁ ଜଣାପଡିଛି ଯେ ରାଜ୍ୟ ସରକାର ଭଦ୍ରକର ଧାମରା ଅଞ୍ଚଳରେ ବନ୍ଦରଭିତ୍ତିକ ଓ ଆନୁଷଙ୍ଗିକ ଶିଳ୍ପ ବିକାଶ କରିବାକୁ ଚାହୁଁଛନ୍ତି। ସେଥିପାଇଁ ଆସିଥିବା ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିବେଶକମାନଙ୍କୁ ସୁବିଧାସୁଯୋଗ ଯୋଗାଇ ଦେବାକୁ ସରକାର ବିଚାର କରୁଛନ୍ତି। ଏଥି ସହିତ ଗୁଜରାଟ ଗସ୍ତରୁ ଲ୍ୟାବ୍ ଗ୍ରୋନ୍ ଡାଇମଣ୍ଡ୍ କ୍ଷେତ୍ରର କିଛି ନିବେଶ ପ୍ରସ୍ତାବ ଆସିଛି। ସେଗୁଡିକ ନିମନ୍ତେ ସ୍ଥାନ ନିରୂପଣ ଓ ଜମି ଚିହ୍ନଟ କରିବା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିପାଇଁ ଉତ୍ସର୍ଗୀକୃତ ସ୍ଥାନ ଚିହ୍ନଟ କରାଯିବ ଯେଉଁଠାରେ ଲ୍ୟାବ୍ ଗ୍ରୋନ୍ ଡାଇମଣ୍ଡ୍ ଓ ସେହି କ୍ଷେତ୍ର ସହ ସମ୍ପର୍କିତ ଶିଳ୍ପ ସ୍ଥାପନ କରିବାକୁ ଗୁରୁତ୍ୱ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତରୁ ୪୮,୩୩୦ କୋଟି ଟଙ୍କାର ୭୧ଟି ନିବେଶ ପ୍ରସ୍ତାବ ଆସିଥିଲା ଯାହା କାର୍ଯ୍ୟକାରୀ ହେଲେ ରାଜ୍ୟରେ ୬୭,୮୩୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଗସ୍ତ ସମୟରେ ୧୧,୩୦୦ କୋଟି ଟଙ୍କାର ୮ଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା ଓ ୩୭,୦୩୦ କୋଟି ଟଙ୍କାର ୬୩ଟି ନିବେଶ ଉଦ୍ଦେଶ୍ୟ ଫର୍ମ ମିଳିଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଅହମଦାବାଦ, ମୁନ୍ଦ୍ରା ବନ୍ଦର ଓ ବଡୋଦରାରେ ନିବେଶକମାନଙ୍କୁ ଭେଟି ପ୍ରତ୍ୟକ୍ଷ ଆଲୋଚନା କରିଥିଲେ। ମୁନ୍ଦ୍ରା ବନ୍ଦର ଗସ୍ତ ବେଳେ ସେ ଓଡିଶାରେ ବନ୍ଦରଭିତ୍ତିକ ଶିଳ୍ପ ପ୍ରତିଷ୍ଠାକୁ ଗୁରୁତ୍ୱ ଦିଆଯାଉଥିବା କହିଥିଲେ। ଗୁଜରାଟରୁ ଆସିଥିବା ନିବେଶ ପ୍ରସ୍ତାବ ସମ୍ପର୍କରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ ବୈଠକରେ ଇପିକଲ୍ ଓ ଇଡ୍‌କୋ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଥିଲା। ନିବେଶ ପ୍ରସ୍ତାବଗୁଡ଼ିକୁ ନିର୍ଦ୍ଧାରିତ



ସମୟ ଭିତରେ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷଙ୍କ ବୈଠକରେ ମଞ୍ଜୁର କରିବାକୁ କୁହାଯାଇଥିଲା। ଏହା ବ୍ୟତୀତ ଅନ୍ୟାନ୍ୟ ପ୍ରସ୍ତାବିତ କ୍ଷେତ୍ର ଓ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ହସ୍ତତନ୍ତ ଓ ବୟନ, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି, ଇଡ୍‌କୋ ଓ ଇପିକଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆର୍ଥିକ ଅନୁଷ୍ଠାନଗୁଡିକ ସହଭାଗିତାରେ ଓଡିଶାର ସହରାଞ୍ଚଳ ଆର୍ଥିକ ବ୍ୟବସ୍ଥା ହେବ ସୁଦୃଢ଼ : ଅତିରିକ୍ତ ମୁଖ୍ୟ ଶାସନ ସଚିବ



ଭୁବନେଶ୍ୱର : ରାଜ୍ୟରେ ସହରାଞ୍ଚଳର ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବ୍ୟାଙ୍କ ଅର୍ଥାୟନ ଯୋଗ୍ୟ ସହରାଞ୍ଚଳ ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ନ୍ୟାସନାଲ ହାଉସିଂ ବ୍ୟାଙ୍କ , ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ କର୍ପୋରେସନ ଏବଂ ପ୍ରମୁଖ ହାଉସିଂ ଫାଇନାନ୍ସ କମ୍ପାନୀ ମାନଙ୍କ ସହିତ ଏହି ଆଲୋଚନା କରାଯାଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ବିଭାଗୀୟ ବରିଷ୍ଠ ପଦାଧିକାରୀ, ଛଅଟି ମହାନଗର ନିଗମର କମିଶନର ଏବଂ ଛଅଟି ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷମାନେ ନିଜ ନିଜ ଦଳ ସହ ଯୋଗ ଦେଇଥିଲେ।

ଏହି ପରାମର୍ଶ ବୈଠକରେ ମୁଖ୍ୟତଃ ସୁଲଭ ଗୃହ ନିର୍ମାଣର ପରିସର ବୃଦ୍ଧି ଏବଂ ଭାରତ ସରକାରଙ୍କ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ପୁଞ୍ଜିନିବେଶ ପାଇଁ ପ୍ରସ୍ତୁତ ଥିବା ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଂସ୍ଥାଗତ ଅର୍ଥାୟନକୁ ଆକୃଷ୍ଟ କରିବା ପାଇଁ ଆର୍ଥିକ ଦୃଷ୍ଟିରୁ ସକ୍ଷମ ଏବଂ ସମ୍ପ୍ରସାରଣ ଯୋଗ୍ୟ ସହରାଞ୍ଚଳ ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରିବା ଉପରେ ଆଲୋଚନା କରାଯାଇଥିଲା।

୨୦୧୧ ମସିହାରେ ଓଡିଶାର ସହରୀ ଜନସଂଖ୍ୟା ୧୭% ଥିବାବେଳେ ୨୦୩୬ ସୁଦ୍ଧା ଏହା ପ୍ରାୟ ୪୦%ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସହରଗୁଡ଼ିକୁ ଅର୍ଥନୈତିକ ଅଭିବୃଦ୍ଧିର ମାଧ୍ୟମ ଭାବେ ଗଢ଼ିତୋଳିବା ଏବଂ ଏହି ପରିବର୍ତ୍ତନକୁ ସହାୟତା କରିବା ପାଇଁ ଅଭିନବ ଆର୍ଥିକ ଢାଞ୍ଚାର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି।

## ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ଶୁଭେନ୍ଦୁ ଅଧିକାରୀ

କୋଲକାତା: ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି ଶୁଭେନ୍ଦୁ ଅଧିକାରୀ । ତୃଣମୂଳ କଂଗ୍ରେସର ପନ୍ଦର ବର୍ଷର ଶାସନ ଆନୁଷ୍ଠାନିକ ଭାବରେ ଶେଷ ହୋଇଛି, ଏବଂ ଭାରତୀୟ ଜନତା ପାର୍ଟି ପ୍ରଥମ ଥର ପାଇଁ ରାଜ୍ୟରେ କ୍ଷମତା ଦଖଲ କରିଛି। ଏହି ଐତିହାସିକ ମୁହୂର୍ତ୍ତକୁ ଦେଖିବା ପାଇଁ କେବଳ ପଶ୍ଚିମବଙ୍ଗ ନୁହେଁ ବରଂ ସମଗ୍ର ଦେଶର ନଜର କୋଲକାତାର ଏହି ପ୍ରସିଦ୍ଧ ଷ୍ଟାଡିୟମ ଉପରେ ନିବଦ୍ଧ ଥିଲା। ଏହି ମୁହୂର୍ତ୍ତକୁ ଦେଖିବା ପାଇଁ ସାଧାରଣ ଜନତାଙ୍କ ସହିତ ଅନେକ ପ୍ରମୁଖ ରାଜନେତା ଏବଂ ଶିଳ୍ପପତି ଉପସ୍ଥିତ ଥିଲେ।



ଏହି ହାଇ-ପ୍ରୋଫାଇଲ୍ କାର୍ଯ୍ୟକ୍ରମକୁ ଆହୁରି ସ୍ମରଣୀୟ କରିବା ପାଇଁ, ଏକ ବଡ଼ ଏବଂ ପ୍ରଭାବଶାଳୀ ଅତିଥି ତାଲିକା ପ୍ରସ୍ତୁତ କରାଯାଇଥିଲା। ମଞ୍ଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନେକ ପ୍ରମୁଖ ନେତାଙ୍କ ଉପସ୍ଥିତି ବିଜେପିର ବିଜୟର ଗୁରୁତ୍ୱକୁ ଆହୁରି ବୃଦ୍ଧି କରିଥିଲା। ପ୍ରଧାନମନ୍ତ୍ରୀଙ୍କ ସହିତ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଏହି ଐତିହାସିକ ଶପଥ ଗ୍ରହଣ ସମାରୋହରେ ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ, ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପେଟ୍ରୋଲିୟମ ମନ୍ତ୍ରୀ ସୁରେଶ ଗୋପୀ ଏବଂ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ବିଭିନ୍ନ ଏନଡିଏ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସ୍ୱତନ୍ତ୍ର ଭାବରେ କୋଲକାତାରେ ପହଞ୍ଚିଥିଲେ।

# ନୂଆ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଆହ୍ୱାନ

ଭୁବନେଶ୍ୱର: ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ (ROTI), ଗୋଠପାଟଣାଠାରେ ଓଡିଶା ପ୍ରଶାସନିକ ସେବା ୨୦୨୩ ବ୍ୟାଚ୍‌ର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବୃକ୍ଷରେ ଜଳଦାନ କରି ସଭାକାର୍ଯ୍ୟ ଆରମ୍ଭ ହେଇଥିଲା। ଏହି କାର୍ଯକ୍ରମରେ ୩୦ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଏବଂ ୭୪ଜଣ ଓଡିଶା ରାଜସ୍ୱ ସେବା ଅଧିକାରୀ ଯୋଗ ଦେଇଥିଲେ ।

ପ୍ରଶିକ୍ଷଣ ଶେଷ କରିଥିବା ଅଧିକାରୀମାନଙ୍କୁ ସମ୍ବୋଧିତ କରି ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଡିଜିଟାଲ୍ ଯୁଗରେ ରାଜସ୍ୱ ପ୍ରଶାସନର ବଦଳୁଥିବା ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ସେ ନୂଆ ଓଡିଶାର ସ୍ୱପ୍ନ ଦେଖିବା ପାଇଁ ଅଧିକାରୀମାନଙ୍କୁ ଉପଦେଶ ଦେଇଥିଲେ । ପୁନଶ୍ଚ ମୁଖ୍ୟ ଶାସନ ସଚିବ ଓଡିଶା ରାଜସ୍ୱ ସେବାକୁ ଅଧିକ ସରଳ ଏବଂ ସାଧାରଣଜନତାଙ୍କ ପାଇଁ ସହଜଲବ୍ଧ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ୭'S' ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇ ଭୂ-ପରିଚାଳନା କ୍ଷେତ୍ରରେ ଦୁର୍ନୀତିମୁକ୍ତ ଏବଂ ସ୍ୱଚ୍ଛ ଶାସନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜମିଜମା କ୍ଷେତ୍ରରେ ସଚ୍ଚୋଟତାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ କହିବା ସହ ରାଜ୍ୟରେ ଥିବା ୧ କୋଟି ୧୯ ଲକ୍ଷ ଏକର ସରକାରୀ ଜମିକୁ ସୁରକ୍ଷା ଦେବା ଦାୟିତ୍ୱ ଓଡ଼ିଶାର ରାଜସ୍ୱ ଅଧିକାରୀଙ୍କର ବୋଲି ସେ ମତପ୍ରକାଶ କରିଥିଲେ। ଏଥିସହିତ ଓଡିଶାକୁ ୨୦୩୬ରେ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସେ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । ପରିଶେଷରେ ଦୁଇ ଜଣ ରାଜସ୍ୱ ବିଶେଷଜ୍ଞଙ୍କୁ ସମ୍ମାନିତ କରିଥିଲେ ।




ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ରାଜସ୍ୱ ଅଧିକାରୀ ମାନଙ୍କୁ IPS ମନ୍ତ୍ର ଯଥା Integrity (ସଚ୍ଚୋଟତା), Performance (କାର୍ଯ୍ୟଦକ୍ଷତା) ଏବଂ Sensitivity (ସହାନୁଭୂତି)କୁ ପାଥେୟ କରି ଜନତାଙ୍କ ସେବା କରିବା ଉଚିତ ବୋଲି ମତ ରଖିଥିଲେ ।

ରାଜସ୍ୱ ଅଧିକାରୀ ପ୍ରଶିକ୍ଷଣ ପ୍ରତିଷ୍ଠାନ (ROTI)ରୁ ପ୍ରଶିକ୍ଷଣ ସମାପ୍ତ କରି ଏହି ମାନସିକତାକୁ ରାଜସ୍ୱ ଅଧିକାରୀମାନେ ନିଜ ଜୀବନର ବ୍ରତ ଭାବେ ଗ୍ରହଣ କରନ୍ତୁ ବୋଲି ଶ୍ରୀ ପାଢ଼ୀ ଦୃଢ଼ ଆଶାବ୍ୟକ୍ତ କରିଥିଲେ ।

ସେହିପରି ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦିଗନ୍ତ ରାଉତରାୟ ମହୋଦୟ କହିଲେ ଯେ, ଆପଣମାନେ ଚାକିରୀର ପ୍ରଥମ ଅବସ୍ଥାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବା ତହସିଲଦାର ରୂପେ କାର୍ଯ୍ୟରେ ଯୋଗ ଦେବେ, ତେଣୁ ଓଡିଶାର ପ୍ରଗତିରେ ଆପଣମାନେ ମୁଖ୍ୟ ଅଂଶ, ସେଥିପାଇଁ ସର୍ବଦା ନିଷ୍ଠାବାନ୍ ହେବେ ଏବଂ ପରୋପକାରକୁ ଜୀବନର ବ୍ରତ କରିବେ । ତାଲିମ ନେଉଥିବା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୋମ୍ୟଶ୍ରୀ ବେହେରା ଏବଂ ଓଡିଶା ରାଜସ୍ୱ ସେବା ଅଧିକାରୀ ପୂଜା ଯୋଶୀ ଜଙ୍ଗଞ୍ଚଓର ପ୍ରଶିକ୍ଷଣ ସମ୍ବନ୍ଧରେ ନିଜର ଅନୁଭୂତି ସୁନ୍ଦର ଭାବରେ ବର୍ଣ୍ଣନା କରିଥିଲେ ।

ସଭା ମଞ୍ଚକୁ ଶ୍ରୀଯୁକ୍ତ ସୌମ୍ୟକାନ୍ତ ସୌମ୍ୟଦର୍ଶୀ ପରିଚାଳନା କରିଥିଲେ। ଏହି ସଭାରେ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ଲୁସି ସ୍ୱାଇଁ, ଉପନିର୍‌ଦଶକ ଶ୍ରୀ ବିରାଞ୍ଚି ନାରାୟଣ ବେହେରା, ଶ୍ରୀମତୀ ସୁଜାତା ପାତ୍ର, ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନିତା ପଣ୍ଡା ଓ ସହନିର୍ଦ୍ଦେଶକ ଶ୍ରୀମତୀ ଅନିନ୍ଦିତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ଅନୁଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମନୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ପାଦକୀୟ

# ବର୍ଷକ ପରେ

ପାକିସ୍ତାନ ଆଉ ଯାହା କରୁ ବା ନ କରୁ ବିକାଶ ଦିଗରେ ଅଗ୍ରସର ଭାରତର ଧ୍ୟାନ ଭଙ୍ଗ କରିବାକୁ ସର୍ବଦା ଉଦ୍‌ଗ୍ରୀବ ହେବ। ତହିଁରେ ମଶାର ଗୁଂଜନ ଭଳି ଆତଙ୍କବାଦୀ ଉପଦ୍ରବ ହିଁ ଉପସ୍ଥିତ ହେବ। ତେଣୁ ଧ୍ୟାନସ୍ଥ ରହିବାରେ ଭାରତ ପ୍ରସ୍ତୁତ ହେବାକୁ ପଡିବ।

ଗଲା ବୁଧବାର ଦିନ ଭାରତ ଲୋତକାର୍ଦ୍ର ଚକ୍ଷୁରେ ଅତ୍ୟନ୍ତ ବିମର୍ଷକର ପହଲଗାମ ଗଣହତ୍ୟା ଘଟଣାକୁ, ତା'ର ବର୍ଷ ପୂର୍ତ୍ତି ଅବସରରେ ମନେ ପକାଇଛି। ଏହି ଦିନ ଏକ କୋମଳ ଅପରାହ୍ଣରେ, ଅପରୂପ ପ୍ରାକୃତିକ ପରିବେଶକୁ ଉପଭୋଗ କରୁଥିବା ପ୍ରଫୁଲ୍ଲ ଚିତ୍ତ ପର୍ଯ୍ୟଟକମାନଙ୍କ ମଧ୍ୟରୁ ୨୬ ଜଣଙ୍କୁ, ସେମାନଙ୍କ ଧର୍ମ ଓ ଲିଙ୍ଗ ସକାଶେ, ଆତଙ୍କବାଦୀଙ୍କ ଗୁଳି ଚୋଟରେ ପ୍ରାଣ ଦେବାକୁ ପଡିଥିଲା; ଅର୍ଥାତ୍ କେବଳ ଜଣେ ମାତ୍ର କାଶ୍ମୀରୀ ମୁସଲମାନ ଟୁର ଅପରେଟରଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଥିଲେ ପୁରୁଷ ହିନ୍ଦୁ। ଏଥିରେ ଦ୍ୱିଧା ନାହିଁ ଯେ ଆଘାତ କିଭଳି ଭାରତର ମର୍ମସ୍ଥଳ ବିଦ୍ଧ କରିବ, ତାହା ଥିଲା ପାକିସ୍ତାନ ପୃଷ୍ଠପୋଷକତାରେ ପରିପୁଷ୍ଟ ଆତଙ୍କବାଦୀଙ୍କ ଲକ୍ଷ୍ୟ, ଯେଉଁ ବିଚାରରେ ସେମାନେ ସ୍ଥାନ, କାଳ ଓ ପାତ୍ର ଚୟନ କରିଥିଲେ। କହିବା ବାହୁଲ୍ୟ, ଏହି ଘଟଣା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଥିବା ଶତ୍ରୁତା ଏକ ଅଣଲେଉଟା ବିନ୍ଦୁରେ ପହଞ୍ଚିଛି; ଏବଂ ଏହାର ବର୍ଷକ ପରେ ମିଳିଥିବା କିଛି ସଂକେତ ଭାରତ ସକାଶେ ପ୍ରଣିଧାନଯୋଗ୍ୟ ଏବଂ କେତେକ ଶିକ୍ଷା ଅମଳଯୋଗ୍ୟ।

ଉଲ୍ଲେଖଯୋଗ୍ୟ ଯେ ସ୍ୱାଧୀନତା ପରଠାରୁ ପାକିସ୍ତାନ ଯେଉଁ ଗୋଟିଏ ରାଷ୍ଟ୍ରୀୟ ନୀତିକୁ ଅନୁସରଣ କରି ଚାଲିଛି, ତାହା ହେଉଛି କାଶ୍ମୀର ଦଖଲ। କହିବା ବାହୁଲ୍ୟ, ବର୍ତ୍ତମାନ ସେଭଳି ଆଶା ପୂରଣ ହେବାର ଲେଶ ମାତ୍ର ସମ୍ଭାବନା ନାହିଁ; କିନ୍ତୁ ପର୍ଯ୍ୟବେକ୍ଷକମାନେ କହନ୍ତି ଯେ କାଶ୍ମୀର ସ୍ୱପ୍ନକୁ ପ୍ରାସଙ୍ଗିକ କରି ରଖିବା ଲାଗି ଯାହା ପାକିସ୍ତାନ ଲାଗି ଜରୁରି, ତାହା ହେଲା ସେଠାରେ ଆତଙ୍କବାଦୀ ଉପଦ୍ରବକୁ ଅବ୍ୟାହତ ରଖିବା; ଯଦିଓ, ପାକିସ୍ତାନର ଏହି ଦୁର୍ଲଘ୍ୟ କାମନା, କ୍ରମେ ଆତ୍ମଘାତୀ ହେବାକୁ ବସିଲାଣି; ୨୦୧୧ ମସିହାରେ ଆମେରିକାର ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ହିଲାରି କ୍ଲିଣ୍ଟନଙ୍କ ଆଗତଦ୍ରଷ୍ଟା ସୁଲଭ ଭବିଷ୍ୟବାଣୀକୁ ସତ୍ୟ ପ୍ରମାଣିତ କରି ପାକିସ୍ତାନର ଘର ଅଗଣାରେ ପ୍ରତିପାଳିତ ସାପମାନ ଭିତରକୁ ପଶି ଘରଲୋକଙ୍କୁ ଦଂଶନ କରିବାରେ ବ୍ୟାପୃତ। ସୁତରାଂ, ପାକିସ୍ତାନ ପରିଣତ ହୋଇଛି ଏକାଧାରରେ ଆତଙ୍କବାଦର ପ୍ରୋତ୍ସାହକ ଏବଂ ତା' ଦ୍ୱାରା ସର୍ବାଧିକ ନିପୀଡିତ ରାଷ୍ଟ୍ର। ଗତ ବର୍ଷ ପାକିସ୍ତାନରେ ଘଟିଥିବା ଆତଙ୍କବାଦୀ ଆକ୍ରମଣର ସଂଖ୍ୟା ହେଉଛି ୧୦୦୦ରୁ ଅଧିକ, ଯହିଁରେ ପ୍ରାୟ ୩,୫୦୦ ଜଣ ମୃତ୍ୟୁ ବରଣ କରିଛନ୍ତି। ପାକିସ୍ତାନର ଏଭଳି ଭାଗ୍ୟ ଭୋଗ ଲାଗି ଦାୟୀ ସେ ଦେଶର ରାଜନୈତିକ ଶୂନ୍ୟତା, ମିଲିଟାରିର ନିରଙ୍କୁଶ ପ୍ରଭୁତ୍ୱ, ଉଗ୍ରବାଦୀ ମୌଳବାଦର ପ୍ରସାର ଏବଂ ଆତଙ୍କବାଦକୁ ସରକାରୀ ଓ ସାମରିକ ପ୍ରୋତ୍ସାହନ। କିନ୍ତୁ ସେ ଦେଶ ବିକଶିତ ହେବାକୁ ବିଶେଷ ଆଗ୍ରହୀ ହୋଇ ନ ଥାଏ। ପ୍ରଶ୍ନ ଉଠେ, ଦୁଇଟି ରାଷ୍ଟ୍ର ଏକା ସାଙ୍ଗରେ, ଏକା ପରିବେଶ ଏବଂ ଏକା ଭଳି ପରିସ୍ଥିତିରେ ସ୍ୱାଧୀନ ହୋଇଥିଲେ ହେଁ ଗୋଟିଏ ଚତୁର୍ଥ ବିକଶିତ ଅର୍ଥନୀତି ହୋଇପାରିଥିବା ବେଳେ ଅନ୍ୟଟି ଉତ୍କଟ ଋଣଗ୍ରସ୍ତ ହୋଇଥାଏ କାହିଁକି ? କାହିଁକି ଭାରତୀୟଙ୍କ ମୁଣ୍ଡ ପିଛା ଆୟ (୨୬୦୦ ଡଲାର)ର ଅରଧେକ (୧୩୦୦ ଡଲାର) ହେଉଛି ପାକିସ୍ତାନର ମୁଣ୍ଡ ପିଛା ଆୟ ଏହାର ଏକମାତ୍ର କାରଣ ହେଲା ସବୁ କିଛି ଜଳାଞ୍ଜଳି ଦେଇ କେବଳ କାଶ୍ମୀର ଉପରେ ଚକ୍ଷୁ ନିବଦ୍ଧ ରଖିବା। ସୁତରାଂ, କାଶ୍ମୀର କଦାପି ପାକିସ୍ତାନ ପଟୁ ବିପଦମୁକ୍ତ ହୋଇ ନ ପାରେ। ଏହା ପ୍ରଥମ ଶିକ୍ଷା।

୧୯୮୯ ମସିହାରେ, କାଶ୍ମୀରରେ ଆତଙ୍କବାଦର ରାଜୁତି ଆରମ୍ଭ ହେବା ପରଠାରୁ ଏହା ସମ୍ଭବତଃ ହେଉଛି ପ୍ରଥମ ଘଟଣା, ଯହିଁରେ ଉପତ୍ୟକା ଅଞ୍ଚଳ ଶୋକାକୁଳ ହୋଇ ଉଠିଥିଲା। ସୁତରାଂ, ବିଚ୍ଛିନ୍ନତାବାଦ ଓ ଆତଙ୍କବାଦର ସମର୍ଥକମାନେ ସ୍ୱାଭାବିକ ଭାବେ କୋଣଠେସା ଭଳି ଅନୁଭବ କରିଥିବେ। ପ୍ରକାଶ ଥାଉ କି ୨୦୧୯ ମସିହା, ଅଗଷ୍ଟ ମାସ ୫ ତାରିଖରେ, ଧାରା ୩୭୦ର ଉଚ୍ଛେଦ ସହିତ, ଭାରତ ରାଷ୍ଟ୍ରରେ କାଶ୍ମୀର ପୂର୍ଣ୍ଣତଃ ଏକୀଭୂତ ହେବା ନେଇ ରହିଥିବା ହିଡ ହଟିଯିବା ପରେ, ସେହି ରାଜ୍ୟକୁ ଶାନ୍ତି, ଆର୍ଥିକ ପ୍ରଗତି, ପର୍ଯ୍ୟଟକ ଓ ପ୍ରତ୍ୟୟ ଇତ୍ୟାଦି ଧୀରେ ଧୀରେ ପ୍ରତ୍ୟାବର୍ତ୍ତନ କରିଛନ୍ତି; କାଶ୍ମୀର କ୍ରିକେଟ ଟିମ ରଣଜୀ ଚାଂପିଅନ ହେବା ଏବଂ ଏହି ଅଭିଯାନରେ ୪୨ ଥର ବିଜେତା ମୁମ୍ବାଇକୁ ଗ୍ରୁପ ପର୍ଯ୍ୟାୟରେ ଏବଂ ଆଠ ଥର ବିଜେତା କର୍ଣ୍ଣାଟକକୁ ଫାଇନାଲରେ ହରାଇବା ହେଉଛି ତା'ର ଏକ ଦୃଷ୍ଟାନ୍ତ। ଏହାର ଅର୍ଥ ଉପତ୍ୟକାବାସୀ ଆତଙ୍କବାଦର ତମସାଚ୍ଛନ୍ନ ଆବର୍ତ୍ତ ମଧ୍ୟକୁ ପୁନଃ ନିକ୍ଷେପିତ ହେବାକୁ ଚାହାନ୍ତି ନାହିଁ, ଯାହାର ସୂଚନା ଥିଲା ପହଲଗାମ ଘଟଣା ପରେ ସେଠାରେ ସ୍ପଷ୍ଟ ପ୍ରତିକ୍ରିୟା। ସେହି ଦିନ ପହଲଗାମ ପର୍ଯ୍ୟଟକମାନଙ୍କୁ ସୁରକ୍ଷା ଦେବା ପ୍ରଚେଷ୍ଟାରେ ଏକମାତ୍ର କାଶ୍ମୀରୀ ମୁସଲିମ ଟୁର ଅପରେଟରଙ୍କ ମୃତ୍ୟୁ ଥିଲା ଏହି ନୂତନ ମନୋଭାବର ଏକ ମର୍ମସ୍ପର୍ଶୀ ଉଦାହରଣ। କହିବା ଅନାବଶ୍ୟକ ଯେ ପହଲଗାମ ଘଟଣାର ମାତ୍ର ଅଳ୍ପ କେଇ ମାସ ମଧ୍ୟରେ ଉପତ୍ୟକାକୁ ପର୍ଯ୍ୟଟକଙ୍କ ସମାଗମ ଆରମ୍ଭ ହୋଇଯାଇଥିଲା, ଯାହା ସୂଚାଇଥିଲା ଯେ ସାଂପ୍ରଦାୟିକତା ଆଧାରରେ ବିଭାଜନ ସୃଷ୍ଟିର ଅପଚେଷ୍ଟା ଅନ୍ତତଃ ପଣ୍ଡ ହୋଇଯାଇଛି। କିନ୍ତୁ, ସତ କହିଲେ ଏଭଳି ଏକ ଦୃଶ୍ୟପଟ ସତ୍ତ୍ୱେ ଆତ୍ମଶ୍ଲାଘାର କାରଣ ନାହିଁ। ବିପଦ ସର୍ବଦା ଝୁଲି ରହିଥିବା ବେଳେ ଏହା ହେଉଛି ଦ୍ୱିତୀୟ ଶିକ୍ଷା।

ଭାରତ ଉପରେ ଯେ କୌଣସି ଆତଙ୍କବାଦୀ ଆକ୍ରମଣ ଲାଗି ପାକିସ୍ତାନକୁ ଅଚିନ୍ତନୀୟ ପରିଣାମ ଭୋଗିବାକୁ ପଡିବ ବୋଲି ଭାରତର ଦୃଢ଼ ଚେତାବନୀ ସତ୍ତ୍ୱେ ପାକିସ୍ତାନ ସୁନିଶ୍ଚିତ ଯେ ଏଭଳି କୌଣସି ଆକ୍ରମଣ ଅବାଧ ଓ ଅଭ୍ୟନ୍ତରଭେଦୀ ହେବନାହିଁ। ଦୁଇଟି ଯାକ ରାଷ୍ଟ୍ର ପରମାଣୁ ଅସ୍ତ୍ର ସଂପନ୍ନ ହୋଇଥିବାରୁ ଯୁଦ୍ଧ ଅଧିକ ତୀବ୍ର ହେବା ପୂର୍ବରୁ ବାହ୍ୟ ରାଷ୍ଟ୍ରଙ୍କ ଚାପ ପଡିବ ବା ଆତ୍ମ ସଂଯମ ତହିଁରେ ବିରତି ଘଟାଇବ। ସୁତରାଂ, ବେଳ ଅବେଳରେ ଆତଙ୍କବାଦୀ ଆକ୍ରମଣମାନ ଘଟାଇବା ଉଦ୍ୟମରୁ ପାକିସ୍ତାନ ବିରତ ହେବ ନାହିଁ। ଏଭଳି ସ୍ଥଳେ ବିଡମ୍ବନାଟି ହେଲା ଏହା ଯେ ଇତିମଧ୍ୟରେ ପାକିସ୍ତାନ ନିଜକୁ ଆତଙ୍କବା ?ଦ ଦ୍ୱାରା ପୀଡିତ ବୋଲି ଏଭଳି ସଫଳ ଚିତ୍ରଣ କରିଛି ଯେ ପାଶ୍ଚାତ୍ୟ ଗଣମାଧ୍ୟମ ପାକିସ୍ତାନକୁ ନେଇ ସହାନୁଭୂତିଶୀଳ; ଅର୍ଥାତ୍ ସେମାନଙ୍କ ଦୃଷ୍ଟିରେ ପାକିସ୍ତାନ ଆଉ ଶିକାରୀ ନୁହେଁ, ଶିକାର ! ତେଣୁ ପହଲଗାମ ଘଟଣା ପରେ ପାଶ୍ଚତ୍ୟ ଗଣମାଧ୍ୟମଗୁଡିକ ହତ୍ୟାକାରୀମାନଙ୍କୁ 'ଆତଙ୍କବାଦୀ' ବଦଳରେ 'ମିଲିଟାଣ୍ଟ' ବା ସଶସ୍ତ୍ର ଉଗ୍ରବାଦୀ ବୋଲି ବର୍ଣ୍ଣନା କରିଥିଲେ। ପାଶ୍ଚାତ୍ୟ ଗଣମାଧ୍ୟମ ଦ୍ୱାରା ସ୍ପଷ୍ଟ ବ୍ୟାଖ୍ୟାନ ହେତୁ ପହଲଗାମ ଗଣହତ୍ୟାରେ ପାକିସ୍ତାନର ସଂପୃକ୍ତି ନେଇ ଭାରତର ବୟାନ ସହିତ ସ୍ୱର ମିଳାଇବାକୁ ଅନେକ ରାଷ୍ଟ୍ର ଆଗଭର ହୋଇ ନ ଥିଲେ, ଯଦିଓ ଘଟଣାର ନିନ୍ଦା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ୨୦୧୪ ମସିହାରେ ବିଜେପି ନେତୃତ୍ୱାଧୀନ ସରକାର ଭାରତରେ କ୍ଷମତାରୂ ହେବା ପରଠାରୁ ପାଶ୍ଚାତ୍ୟ ଗଣମାଧ୍ୟମଗୁଡିକ ଅଧିକରୁ ଅଧିକ ସରକାର ଓ ପ୍ରକାରାନ୍ତରେ ଭାରତ ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ଉଦାର ଚେତନାଧାରୀ ଭାବେ ପରିଚିତ ପ୍ରମୁଖ ଆମେରିକୀୟ ଓ ୟୁରୋପୀୟ ଖବରକାଗଜ ଏବଂ ଟିଭି ଚ୍ୟାନେଲଗୁଡିକ ମଧ୍ୟ ଯେ ପୂର୍ବାଗ୍ରହ ବିଜଡିତ ଏଥିରେ ସନ୍ଦେହ ନାହିଁ, ଯାହାର ପ୍ରମାଣ ମଧ୍ୟ ମିଳିଛି। କିନ୍ତୁ ବାସ୍ତବତାଟି ହେଲା ସେହି ଗଣମାଧ୍ୟମଗୁଡିକ ହେଉଛନ୍ତି ଅବଶିଷ୍ଟ ପୃଥିବୀ ସକାଶେ ଖୋଲୁଥିବା ଝରକା।

# ସାମାଜିକ ଗଣମାଧ୍ୟମର ଭାଷା



**ବରୁଣ କୁମାର ମହାପାତ୍ର**

ଆଜିର ଡିଜିଟାଲ ଯୁଗରେ ବିତର୍କ ଓ ମତ ବିନିମୟ କରିବାର ଏକ ପ୍ରଭାବଶାଳୀ ମଞ୍ଚ ପାଲଟିଛି ସାମାଜିକ ଗଣମାଧ୍ୟମ। ଏହାର ବ୍ୟବହାର କେବଳ ଆଉ ଅବସର ବିନୋଦନରେ ସୀମିତ ହୋଇ ରହିନାହିଁ, ବରଂ ଏହା ଆମ ଜୀବନର ଏକ ଅଂଶବିଶେଷ ହୋଇସାରିଛି। ବିଶେଷ କରି ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଖବର ପ୍ରସାରଣ ଠାରୁ ଆରମ୍ଭ କରି ମନୋରଞ୍ଜନ ଏବଂ ଜନମତ ସୃଷ୍ଟି କରିବାରେ ସମ୍ପ୍ରତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ସାମାଜିକ ଗଣମାଧ୍ୟମ। ତେବେ ଚିନ୍ତାଜନକ ବିଷୟ ହେଉଛି ସମ୍ପ୍ରତି ଏହି ଡିଜିଟାଲ ମାଧ୍ୟମର ଦୁରୁପଯୋଗ ବୃଦ୍ଧି ପାଇବା ସହ ଏଥିରେ ବିତର୍କର ସ୍ତର ନିମ୍ନଗାମୀ ହେବାରେ ଲାଗିଛି। ବାକ୍ ସ୍ୱାଧୀନତା ଆଳରେ ଅନେକ ଲୋକ ଅଶାଳୀନ ଓ ଅତି କଦର୍ଯ୍ୟ ଭାଷା ପ୍ରୟୋଗ କରି ସାମାଜିକ ଗଣମାଧ୍ୟମର ବାତାବରଣକୁ କଳୁଷିତ କରୁଛନ୍ତି। ଫଳସ୍ୱରୂପ ସୁସ୍ଥ ତଥା ଗଠନମୂଳକ ବିତର୍କରେ ବିଶ୍ୱାସ କରୁଥିବା ବ୍ୟକ୍ତି ଓ ବୁଦ୍ଧିଜୀବୀ ଏହି ମାଧ୍ୟମ ପ୍ରତି ବିମୁଖ ହେଲେଣି।

ଯେଉଁ ସାମାଜିକ ଗଣମାଧ୍ୟମ ଏକଦା ବିବିଧ ମତ ଏବଂ ସୁସ୍ଥ ବିତର୍କର ଏକ ଖୋଲା ଗଣତାନ୍ତ୍ରିକ ମଞ୍ଚ ଥିଲା, ତାହା ଏବେ ପାଲଟିଛି ଅସଭ୍ୟ ଲୋକଙ୍କ ଡିଜିଟାଲ ଆଡ୍ଡାସ୍ଥଳୀ। ଏହି ନିର୍ଦ୍ଦିଷ୍ଟ ବର୍ଗର ଲୋକେ ଯୁକ୍ତିସଙ୍ଗତ ତର୍କ କରିବା ପରିବର୍ତ୍ତେ ସେମାନଙ୍କ ଠାରୁ ଭିନ୍ନ ମତ ରଖୁଥିବା ଲୋକଙ୍କୁ ଅତି କଦର୍ଯ୍ୟ ଭାଷାରେ ଗାଳିଗୁଲଜ ଏବଂ ଟ୍ରୋଲିଂ (ଉପହାସ) କରନ୍ତି। ତଥ୍ୟଭିତ୍ତିକ ଓ ଯୁକ୍ତିଯୁକ୍ତ ତର୍କ ଉପସ୍ଥାପନ ଆଗରେ ଏମାନେ ନିରୁପାୟ ହୋଇ ଶାଳୀନତାର ସବୁ ସୀମା ଟପିଯାଆନ୍ତି। ଏପରିକି ଏହି ବର୍ଗର ଲୋକ ସେମାନଙ୍କ ମତରେ ଅସହମତି ପ୍ରକାଶ କରୁଥିବା ଲୋକଙ୍କ ଆକାଉଣ୍ଟ ମଧ୍ୟ ହ୍ୟାକ୍ କରିବାକୁ ପଛାନ୍ତି ନାହିଁ। ସାମାଜିକ ଗଣମାଧ୍ୟମରେ ସମ୍ପ୍ରତି ଏଭଳି ଅସାମାଜିକ ଆଚରଣର ଧାରା ବଢ଼ି ଚାଲିଛି। ଏହାର ଶିକାର ସାଧାରଣ ବ୍ୟବହାରକାରୀଙ୍କ ବ୍ୟତୀତ ବିଶିଷ୍ଟ ବ୍ୟକ୍ତିବିଶେଷ ମଧ୍ୟ ହେଉଛନ୍ତି। ନିକଟରେ ଏକ ସର୍ଭେରୁ ଜଣାଯାଇଛି ଯେ, ଭାରତରେ ପ୍ରାୟ ୫୫ ପ୍ରତିଶତ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ଏହି ଡିଜିଟାଲ ମଞ୍ଚରେ ଅଶ୍ଳୀଳ ଭାଷା ପ୍ରୟୋଗ କରନ୍ତି। ଘୃଣା ଉଦ୍ରେକକାରୀ ଭାଷଣ ଓ ଜାତିଆଣ ଆକ୍ଷେପ ସଂଖ୍ୟା ମଧ୍ୟ ଅଧିକ। ମହିଳାମାନେ ଏଭଳି ଅଭଦ୍ର ଆଚରଣର ଅଧିକ ଶିକାର ହୁଅନ୍ତି। ଅଶ୍ଳୀଳ ମନ୍ତବ୍ୟ ସହ ସେମାନଙ୍କୁ ଦୁଷ୍କର୍ମ ଧମକ ଦିଆଯାଏ। ଜାତୀୟ ସାଇବର ଅପରାଧ ପୋର୍ଟାଲ ତଥ୍ୟ ଅନୁଯାୟୀ, ଗତବର୍ଷ ପ୍ରାୟ ଦୁଇ ଲକ୍ଷ ସାଇବର ଅପରାଧ ସମ୍ପର୍କିତ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ଦୁଇ ତୃତୀୟାଂଶ ଅଭିଯୋଗ କେବଳ ଗାଳିଗୁଲଜ, ଧମକ ଏବଂ ଉତ୍ତେଜନାପୂର୍ଣ୍ଣ ଭାଷଣ ସମ୍ବନ୍ଧୀୟ ଥିଲା।

ସାମାଜିକ ଗଣମାଧ୍ୟମରେ ବିତର୍କର ସ୍ତର ହ୍ରାସ ପାଇବା ପଛରେ ଅନେକ କାରଣ ରହିଛି। ତନ୍ମଧ୍ୟରୁ ଏକ ପ୍ରମୁଖ କାରଣ ହେଉଛି ଏଭଳି ଅସଭ୍ୟ ଆଚରଣର 'ନର୍ମାଲାଇଜେସନ' ବା ଏହା ସ୍ୱାଭାବିକ ବୋଲି ଧାରଣା ସୃଷ୍ଟି କରିବା।



ଅର୍ଥାତ୍ ଏହାକୁ କିଛି ପ୍ରଭାବଶାଳୀ ଏବଂ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଜାଣିଶୁଣି ପ୍ରୋତ୍ସାହିତ କରନ୍ତି। ଏମାନଙ୍କ ମଧ୍ୟରେ କିଛି ରାଜନୈତିକ ଦଳ ସହ ଜଡ଼ିତ ବ୍ୟକ୍ତି ଓ ସଂସ୍ଥା ବି ଅନ୍ତର୍ଭୁକ୍ତ। ସେମାନଙ୍କ ମତ, ବିଚାରଧାରା, ନୀତିକୁ ଯିଏ ବିରୋଧ କିମ୍ବା ସମାଲୋଚନା କରନ୍ତି, ସେମାନଙ୍କୁ ଉକ୍ତ ଗୋଷ୍ଠୀ ଏଭଳି ହୀନ ଉପାୟ ଅବଲମ୍ବନ କରି ହଇରାଣ କରିଥାନ୍ତି। ଏହାଛଡ଼ା ସାମାଜିକ ଗଣମାଧ୍ୟମରେ ଛଦ୍ମନାମଧାରୀ ଆକାଉଣ୍ଟ ସୃଷ୍ଟି କରିବା ପାଇଁ କୌଣସି ଅଙ୍କୁଶ ନଥାଏ। ଏହା ବି ଦୁଷ୍ଟ ପ୍ରକୃତିର ଲୋକଙ୍କୁ ବଦମାସୀ କରିବାକୁ ସାହସ ଦିଏ। ଏଭଳି ଛଦ୍ମନାମଧାରୀ ଆକାଉଣ୍ଟ ଗୁ ?ିକ ସମ୍ପର୍କରେ ତଥ୍ୟ ଯୋଗାଡ଼ କରିବା କଷ୍ଟକର ହୋଇଥାଏ। ସମ୍ପ୍ରତି ସାମାଜିକ ଗଣମାଧ୍ୟମ ଅର୍ଥ ଉପାର୍ଜନ କରିବାର ଏକ ସହଜ ମାଧ୍ୟମ ପାଲଟିଛି। ଯେଉଁ ବ୍ୟବହାରକାରୀଙ୍କ 'କଣ୍ଟେଣ୍ଟ' ଯେତେ ଅଧିକ ଦୃଷ୍ଟି ଆକର୍ଷଣ କରିବ, ସେହି ବ୍ୟବହାରକାରୀ ମାନଙ୍କୁ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ କମ୍ପାନୀ ତରଫରୁ ଆର୍ଥିକ ପ୍ରୋତ୍ସାହନ ଦିଆଯାଉଛି। ପ୍ରାୟ ସବୁ ସାମାଜିକ ଗଣମାଧ୍ୟମ କମ୍ପାନୀ ଏଭଳି 'ହାଇ ଏଙ୍ଗେଜମେଣ୍ଟ କଣ୍ଟେଣ୍ଟ'ଗୁଡ଼ିକୁ ପ୍ରାଥମିକତା ଦିଅନ୍ତି। ସେଗୁଡ଼ିକ କିଭଳି ଅଧିକ ଲୋକଙ୍କ ପାଖରେ ପହଞ୍ଚିବ ତାହା ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ତରଫରୁ ବୈଷୟିକ କୋଡିଂ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ହୋଇଥାଏ। ତେବେ ଦୁର୍ଭାଗ୍ୟଜନକ ବିଷୟ, ଏଭଳି କଣ୍ଟେଣ୍ଟ ଅପେକ୍ଷା ଅତି ନିମ୍ନମାନର ଓ ଅଶ୍ଳୀଳ କଥାବସ୍ତୁ ସମ୍ବଳିତ କଣ୍ଟେଣ୍ଟ ଗୁଡ଼ିକ ହିଁ ଅଧିକରୁ ଅଧିକ ପ୍ରସାରିତ ହୁଏ ଓ ଦୃଷ୍ଟି ଆକର୍ଷଣ କରିଥାଏ।

ସାମାଜିକ ଗଣମାଧ୍ୟମରେ ଅସଭ୍ୟତା ଓ ଅଭଦ୍ରତାର କର୍କଶ କୋଳାହଳ ଭିତରେ ସୁସ୍ଥ ବିତର୍କର ସ୍ୱର ନୀରବ ପଡ଼ିଯାଉଛି। ଏତାଦୃଶ ଆଚରଣ ଦ୍ୱାରା ଭୟଭୀତ ଓ ଗଭୀର ମାନସିକ ଆଘାତ ପାଇ ବହୁ ଲୋକ ଏବଂ ବୁଦ୍ଧିଜୀବୀ ଏହି ଡିଜିଟାଲ ମଞ୍ଚରୁ ଦୂରେଇ ଯିବାକୁ ବାଧ୍ୟ ହେଉଛନ୍ତି। କୌଣସି ପ୍ରସଙ୍ଗରେ ଯୁକ୍ତିସଙ୍ଗତ ବିତର୍କ ପାଇଁ ବିବିଧ ମତକୁ ସୁଯୋଗ ଦିଆଯିବା ଉଚିତ। ଜଣେ ଅନ୍ୟର ମତରେ ଅରାଜି ହୋଇପାରେ, ତଥାପି ତାହାକୁ ଧୈର୍ଯ୍ୟର ସହ ଶୁଣିବା ଓ ତାହାକୁ ସମ୍ମାନ ଦେବା ଏକ ସୁସ୍ଥ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରମୁଖ ବୈଶିଷ୍ଟ୍ୟ। କିନ୍ତୁ ଦୁଃଖର ବିଷୟ ଅଧିକାଂଶ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ନିଜ ମତ ସଭ୍ୟ ଓ ଶାଳୀନ ଭାବେ ରଖିବା ପରିବର୍ତ୍ତେ ଅଭଦ୍ରତା ଓ ଗାଳିଗୁଲଜର ପନ୍ଥା ଆପଣେଇବାକୁ ପସନ୍ଦ କରୁଛନ୍ତି। ଯୁକ୍ତିଯୁକ୍ତ ବିତର୍କ କରିବାରେ ଏଭଳି ବୌଦ୍ଧିକ ଅକ୍ଷମତା ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଆମର ଏପରି ବୌଦ୍ଧିକ ସ୍ଖଳନ ଯୋଗୁଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ୱଚ୍ଛ ଜନମତ ସୃଷ୍ଟି ହେବା ପରିବର୍ତ୍ତେ ଅରାଜକତା ଭଳି ସ୍ଥିତି ଉପୁଜୁଛି। ନିକଟରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ସାମାଜିକ ଗଣମାଧ୍ୟମରେ ଅଶାଳୀନତା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନ୍ୟାୟାଳୟ ଏହାର ପ୍ରତିକାର ପାଇଁ ଉପଯୁକ୍ତ ନିର୍ଦ୍ଦେଶାବଳୀ ଜାରି କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଶ୍ଳୀଳତା ଏବଂ ଅଶାଳୀନ ଆଚରଣକୁ ରୋକିବା ପାଇଁ ପ୍ରାୟ ସମସ୍ତ ସାମାଜିକ ଗଣମାଧ୍ୟମ କମ୍ପାନୀ ତରଫରୁ ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା ବିଭିନ୍ନ କାରଣରୁ ସେଭଳି ପ୍ରଭାବୀ ହୋଇପାରୁନାହିଁ। ଏହାଛଡ଼ା ସୂଚନା ଓ ପ୍ରଯୁକ୍ତିବିଦ୍ୟା (ଆଇଟି) ଅଧିନିୟମ, ୨୦୦୦ ଏବଂ ଭାରତୀୟ ନ୍ୟାୟ ସଂହିତାରେ ମଧ୍ୟ ଘୃଣା ଭାଷଣ ଏବଂ ଅଶାଳୀନତା ବିରୋଧରେ ପ୍ରାବଧାନ ରହିଛି। ହେଲେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏପରି କଣ୍ଟେଣ୍ଟ ଗୁଡ଼ିକର ବ୍ୟାପକତା ଏବଂ ଛଦ୍ମନାମଧାରୀ ଆକଉଣ୍ଟ ସମ୍ପର୍କିତ ଜଟିଳତା ଦୃଷ୍ଟିରୁ ତଦ୍ ସମ୍ବନ୍ଧୀୟ ଆଇନଗତ କାର୍ଯ୍ୟାନୁଷ୍ଠାନର ମାତ୍ରା ଅତି ସୀମିତ ରହୁଛି। ଏହି ସମସ୍ୟାର ସମାଧାନ ପାଇଁ ବହୁମୁଖୀ ପଦକ୍ଷେପ ଲୋଡ଼ା। ପ୍ରଥମତଃ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ କମ୍ପାନିଗୁଡ଼ିକୁ ଏ ବାବଦରେ ଆହୁରି କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ। ଏତଦ୍ ବ୍ୟତୀତ ଅନ୍‌ଲାଇନ୍ ମଞ୍ଚରେ ସଠିକ୍ ଆଚରଣ ତଥା ଶାଳୀନତା ରକ୍ଷା କରିବା ଲାଗି ଲୋକଙ୍କ ମଧ୍ୟରେ ଡିଜିଟାଲ ସାକ୍ଷରତା ବୃଦ୍ଧି କରିବାକୁ ହେବ।

ବ୍ରହ୍ମପୁର

ମୋ: ୭୦୦୮୦୭୮୩୯୬



## ସ୍କ୍ରିନ୍ ଟାଇମ୍ ବଢାଇପାରେ ଅଟିଜିମ୍ ଆଶଙ୍କା

ପିଲାଙ୍କର ବଢୁଥିବା ସ୍କ୍ରିନ୍ ଟାଇମ୍ ଅଟିଜିମ୍ ଆଶଙ୍କାକୁ ବଢାଇପାରେ । ପିଲା ପରିବାର ସହ ଖେଳକୁଦ କରିବା ଓ ବାପାମା'ଙ୍କ ସହ କଥାବାର୍ତ୍ତା ହେବା ପରିବର୍ତ୍ତେ ସ୍କ୍ରିନରେ ସମୟ ବିତାଉଛନ୍ତି ପିଲାଙ୍କର ବଢୁଥିବା ସ୍କ୍ରିନ୍ ଟାଇମ୍ ଅଟିଜିମ୍ ଆଶଙ୍କାକୁ ବଢାଇପାରେ। ପିଲା ପରିବାର ସହ ଖେଳକୁଦ କରିବା ଓ ବାପାମା'ଙ୍କ ସହ କଥାବାର୍ତ୍ତା ହେବା ପରିବର୍ତ୍ତେ ସ୍କ୍ରିନରେ ସମୟ ବିତାଉଛନ୍ତି । ସେମାନଙ୍କ ଜୀବନରୁ ଗପ ଓ ପରିବାର ସହ ସମୟ ବିତାଇବା, ଖେଳିବା ଓ ବିଭିନ୍ନ ଜିନିଷକୁ ହାତରେ ସ୍ପର୍ଶ କରି ମଜା ନେବା ଆଦି କମ୍ ହୋଇପଡିଛି । ପେଡିଆଟିକ୍ ନ୍ୟୁରୋ ବିଶେଷଜ୍ଞ ଡାକ୍ତର ଶେଫାଳୀ ଗୁଲାଟିଙ୍କ ଅନୁସାରେ ସ୍କ୍ରିନ୍ ସମୟ ବଢିବା ଅଟିଜିମ୍ ଲକ୍ଷଣ ଉପୁଜିବାର ଏକ କାରଣ ହୋଇପାରେ।

ଅବଶ୍ୟ ଅଟିଜିମର ଗୋଟିଏ କାରଣ ନଥାଏ। ଏହା ଏକ ଜଟିଳ ଅନୁବଂଶୀୟ ରୋଗ । ତା' ସହିତ ପରିବେଶ ଓ ଜୀବନଶୈଳି ସମ୍ବନ୍ଧୀୟ କାରକ ମଧ୍ୟ ରହିଥାଏ। ଏମ୍ସରେ ହୋଇଥିବା ଏକ ଗବେଷଣା ଅନୁସାରେ କମ୍ ବୟସରେ ଅଧିକ ସ୍କ୍ରିନ୍ ଦେଖିବା ଦ୍ୱାରା ପିଲାଙ୍କଠାରେ ଅଟିଜିମ୍ର ଲକ୍ଷଣ ଦେଖାଯିବାର ଆଶଙ୍କା ଅଧିକ । ଅଟିଜିମ୍ ସ୍ପେକ୍ଟ୍ରମ୍ ବିକାର ଏହା ଏକ ସ୍ନାୟବିକ ବିକାଶ ସମ୍ବନ୍ଧୀୟ ସ୍ଥିତି, ଯାହା ପିଲାର ସାମାଜିକ ମିଳାମିଶା ଓ କଥାବାର୍ତ୍ତାକୁ ବହୁ ମାତ୍ରାରେ ପ୍ରଭାବିତ କରିଥାଏ। ଯଦି ଜନ୍ମର ପ୍ରଥମ ବର୍ଷ ପରେ ସେ ମାନବୀୟ ସ୍ପର୍ଶ ବା କଥାବାର୍ତ୍ତା ପରିବର୍ତ୍ତେ ଡିଭାଇସ୍ ସହ ଯୋଡି ହୋଇଯାଏ, ତେବେ ତା'ବ୍ୟବହାରରେ ପରିବର୍ତ୍ତନ ହେବାର ଆଶଙ୍କା ଖୁବ୍ ଅଧିକ। ଅଟିଜିମ୍ ସ୍ପେକ୍ଟ୍ରମର ବିକାର ପିଲା ଖେଳନା ସହ ସାଧାରଣ ଭାବେ ଖେଳି ନଥାନ୍ତି, ବରଂ ଖେଳନାର ଏକ ଅଂଶକୁ ଗଭୀର ଭାବେ ନିରୀକ୍ଷଣ କରିଥାଏ।

ପ୍ରତ୍ୟେକ ପିଲା ଅନ୍ୟଠାରୁ ଅଲଗା। ସମସ୍ତଙ୍କର ଲକ୍ଷଣ ଏକାପରି ନୁହେ। ଏମ୍ସର ଗବେଷଣା ଅନୁସାରେ ଛୋଟ ପିଲାଙ୍କ ମସ୍ତିଷ୍କ ତୀବ୍ର ବେଗରେ ବିକଶିତ ହୋଇଥାଏ। ଯଦି ଏହି ସମୟରେ ସ୍କ୍ରିନ୍ ଟାଇମ୍ ଯୋଡି ହୋଇପଡେ, ତେବେ ମସ୍ତିଷ୍କ ଗଭୀର ଭାବେ ପ୍ରଭାବିତ ହୋଇଥାଏ । ଏମ୍ସରେ ହୋଇଥିବା ଏକ ଗବେଷଣା ଅନୁସାରେ କମ୍ ବୟସରେ ଅଧିକ ସ୍କ୍ରିନ୍ ଦେଖିବା ଦ୍ୱାରା ପିଲାଙ୍କଠାରେ ଅଟିଜିମ୍ ଲକ୍ଷଣ ଦେଖାଯିବାର ଆଶଙ୍କା ଅଧିକ । ଆଜିକାଲିର ପିଲାଙ୍କୁ ଆରମ୍ଭରୁ ହିଁ ସ୍ୱାଭାବିକ୍ ଲାଳନପାଳନଠାରୁ ଦୂରେଇ ଦିଆଯାଉଛି । ବରଂ ସ୍କ୍ରିନ୍ ଦୁନିଆରେ ଯୋଡି ଦିଆଯାଉଛି। ଏହା ସେମାନଙ୍କୁ ମସ୍ତିଷ୍କୀୟ ବିକାଶରେ ବାଧା ପହଞ୍ଚାଇଥାଏ ।

ପିଲାଙ୍କ ଜୀବନର ପ୍ରଥମ କିଛି ବର୍ଷ ବିଶେଷକରି ୧୦୦୦ ଦିନ ସେହି ସମୟ, ଯେତେବେଳେ ମସ୍ତିଷ୍କ କୌଣସି ଜିନିଷକୁ ସହଜରେ ଗ୍ରହଣ କରି ନେଇଥାଏ । ଏହି ବୟସରେ ସେମାନଙ୍କଠାରେ କିଛି ଲକ୍ଷଣ ଦେଖାଦେଇପାରେ। ଏହି ସମୟରେ ଅଟିଜିମ୍ର ଲକ୍ଷଣକୁ ଚିହ୍ନଟ କରାଯାଇପାରେ । ଯଦି ଚିହ୍ନଟ କରିପାରନ୍ତି, ତେବେ ଏହାର ଚିକିତ୍ସା ଶୀଘ୍ର ଆରମ୍ଭ ହୋଇପାରିବ। ଗବେଷଣା ଅନୁସାରେ ୧୮ ମାସରୁ କମ୍ ପିଲାଙ୍କୁ ସ୍କ୍ରିନ୍ଠାରୁ ଦୂରେଇ ରଖିବା ଜରୁରି । ୩ ବର୍ଷ ବୟସ ପରେ ମସ୍ତିଷ୍କର ପାଟର୍ଣ୍ଣ ଅଧିକ ସ୍ଥିର ହୋଇଥାଏ, ଯାହାକୁ ପରିବର୍ତ୍ତନ କରିବା କଷ୍ଟକର ହୋଇପଡେ । ତେଣୁ ଅଭିଭାବକ ପିଲାଙ୍କର କିଛି ପ୍ରାରମ୍ଭିକ ଲକ୍ଷଣ ଧ୍ୟାନ ଦେବା ଜରୁରି। ଯେପରିକି ଆଖିରେ ଆଖି ମିଶାଇ ନ ପାରିବା, ନା' ଧରିଲେ ଡାକିଲେ ପ୍ରତିକ୍ରିୟା ନ ଦେବା, କଥା କହିବାରେ ଡେରି ହେବା, କୌଣସି କୌଶଳ ନ ଶିଖିବା ଓ ଭୁଲିଯିବା ଆଦି ଲକ୍ଷଣ ଅଟିଜିମ୍କୁ ଚିହ୍ନିବାରେ ସହାୟକ ହୋଇଥାଏ ।

## ଯୋଦ୍ଧାଟିଏ ହେବି ମୁହିଁ

ରବିନ୍ଦ୍ରନାଥ ବାହିନୀପତି

ମାଟି ମାଆ ପାଇଁ ଲଢେଇ କରିବି<br>
ମଧୁବାବୁ ପରି ହୋଇ<br>
ରାଜ୍ୟବାସୀଙ୍କର ସେବା କରିବି ମୁଁ<br>
ଦୁଃଖେସୁଖେ ସାଥେ ରହି।<br>
ଭାଷା ସାହିତ୍ୟକୁ ସୁରକ୍ଷା କରିବି<br>
କହିବି ଓଡ଼ିଆ ବୋଲି<br>
ରାଜ୍ୟର ପ୍ରଗତି ପଥେ ଯୋଦ୍ଧା ହୋଇ<br>
ନିଜ ଦୁଃଖ ଯିବି ଭୁଲି।<br>
ଓଡିଆ ଭାଷାର ରଖିବି ମୁଁ ଟେକ<br>
ଲେଖି କହି ଆଉ ପଢ଼ି<br>
ବିଦେଶୀ ଭାଷା ବି ହେୟ ମଣିବିନି<br>
ଦେବି ନାହିଁ କେବେ ତଡ଼ି।<br>
ଭାଷା ଓ ମାଟିର ଉନ୍ନତି କରିବି<br>
ବିକାଶରେ ଦେବି ମନ<br>
ପ୍ରଗତି ପଥରେ ଆଗେଇ ମୁଁ ନେବି<br>
ରଖିବି ନି ଯୋଦ୍ଧାଟିଏ ହେବି ମୁହିଁ

ରବିନ୍ଦ୍ରନାଥ ବାହିନୀପତି<br>
ମାଟି ମାଆ ପାଇଁ ଲଢେଇ କରିବି<br>
ମଧୁବାବୁ ପରି ହୋଇ<br>
ରାଜ୍ୟବାସୀଙ୍କର ସେବା କରିବି ମୁଁ<br>
ଦୁଃଖେସୁଖେ ସାଥେ ରହି।<br>
ଭାଷା ସାହିତ୍ୟକୁ ସୁରକ୍ଷା କରିବି<br>
କହିବି ଓଡ଼ିଆ ବୋଲି<br>
ରାଜ୍ୟର ପ୍ରଗତି ପଥେ ଯୋଦ୍ଧା ହୋଇ<br>
ନିଜ ଦୁଃଖ ଯିବି ଭୁଲି।

ରାଇଘର,ନବରଙ୍ଗପୁର

## ରାତିରେ ଥଣ୍ଡା କ୍ଷୀର ପିଉଛନ୍ତି କି ?



ଗରମଦିନେ ରାତିରେ ଥଣ୍ଡା କ୍ଷୀର ପିଇବା କେତେଦୂର ଠିକ୍ ଗରମଦିନେ ନିଜକୁ ଭିତରୁ ଥଣ୍ଡା ରଖିବା ପାଇଁ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି।

ଗରମଦିନେ ରାତିରେ ଥଣ୍ଡା କ୍ଷୀର ପିଇବା କେତେଦୂର ଠିକ୍ ଗରମଦିନେ ନିଜକୁ ଭିତରୁ ଥଣ୍ଡା ରଖିବା ପାଇଁ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି । କେହି ଥଣ୍ଡା ପାଣି ପିଇଥାନ୍ତି ତ ଆଉ କେହି ଜୁସ୍ ସହ ଦହିପାଣି ପିଇଥାନ୍ତି । ଅନ୍ୟ କେହି ରାତିରେ ଶୋଇବା ପୂର୍ବରୁ ଫ୍ରିଜ୍‌ରେ ରଖିଥିବା ଥଣ୍ଡା କ୍ଷୀର ପିଇଥାନ୍ତି। କିଛି ଲୋକଙ୍କୁ ଏହି ଅଭ୍ୟାସ ଖୁବ୍ ପସନ୍ଦ । କିନ୍ତୁ କେବେ ଭାବିଛନ୍ତି ରାତିରେ ଥଣ୍ଡା କ୍ଷୀର ପିଇବା ଶରୀରକୁ କେତେ ପ୍ରଭାବିତ କରିଥାଏ।

ପାଚନ ଓ ମେଟାବଲିଜିମ୍ ଉପରେ ପ୍ରଭାବ

ବିଶେଷଜ୍ଞଙ୍କ ମତରେ ରାତିରେ ଆମ ଶରୀରର ପାଚନ କ୍ରିୟା ଓ ମେଟାବଲିଜିମ୍ ସାମାନ୍ୟ ଧୀମା ହୋଇଯାଇଥାଏ । ସେଥିରେ ପୁଣି ଥଣ୍ଡା କ୍ଷୀର ପିଇବା ଦ୍ୱାରା ଏହା ପାଚନ ତନ୍ତ୍ର ପାଇଁ ଚ୍ୟାଲେଞ୍ଜିଂ ହୋଇପଡେ । ଫଳରେ ଗ୍ୟାସ୍, ପେଟ ଫୁଲିବା ଓ ହଜମ ନ ହେବା ପରି ସମସ୍ୟା ଉପୁଜିପାରେ। ତେଣୁ ସିଧାସଳଖ ଫ୍ରିଜ୍‌ରୁ କାଢି କ୍ଷୀର ପିଇବା ଅନୁଚିତ୍।

**ଥଣ୍ଡା କ୍ଷୀର ନିଦ ପାଇଁ ଠିକ୍ କି**

ପ୍ରାୟ ଲୋକ ଭଲ ନିଦ ପାଇଁ କ୍ଷୀର ପିଇଥାନ୍ତି । କିନ୍ତୁ ଡାଏଟିସିଆନ୍‌ଙ୍କ ମତରେ ନିଦର ଗୁଣବତ୍ତା ବଢାଇବା ପାଇଁ ଥଣ୍ଡା ପରିବର୍ତ୍ତେ ହାଲ୍‌କା ଉଷୁମ କ୍ଷୀର ପିଇବା ଉଚିତ୍। ଏହା ଶରୀରକୁ ରିଲାକ୍ସ କରିବା ସହ ମନକୁ ଶାନ୍ତ କରିବାରେ ପ୍ରଭାବଶାଳୀ ହୋଇଥାଏ । ଥଣ୍ଡା କ୍ଷୀର ଭଲ ନିଦ ଦେଇଥାଏ, କିନ୍ତୁ ଶରୀରକୁ ରିଲାକ୍ସ କରିପାରେନା ।

ପୋଷକ ତତ୍ତ୍ୱର ସ୍ରୋତ ହେଉଛି କ୍ଷୀର

କ୍ଷୀର ଏକ ସମ୍ପୂର୍ଣ୍ଣ ଆହାର । ଏହା କ୍ୟାଲସିୟମ୍, ପ୍ରୋଟିନ୍ ଓ ଭିଟାମିନ୍-ବି୧୨ ପରି ପୋଷକ ତତ୍ତ୍ୱରେ ଭରା । ଏହା କେବଳ ଶରୀରକୁ ପୋଷକ ତତ୍ତ୍ୱ ଦେଇ ନଥାଏ, ବରଂ ଏଥିରେ ଥିବା ଟ୍ରିପ୍‌ଟେଫୋନ୍ ନାମକ ଆମିନୋ ଏସିଡ୍ ରାତିରେ ଏକ ଶାନ୍ତିର ନିଦ ଦେଇଥାଏ । କିନ୍ତୁ ଗରମଦିନେ ଥଣ୍ଡା କ୍ଷୀର ପିଇବା ଶରୀର ଉପରେ କୁପ୍ରଭାବ ପକାଇଥାଏ।

**ଏମାନେ କ୍ଷୀର ପିଇବା ଅନୁଚିତ୍**

ବିଶେଷଜ୍ଞଙ୍କ ମତରେ ଗରମଦିନେ ଥଣ୍ଡା କ୍ଷୀର ପିଇବା ସମସ୍ତଙ୍କ ପାଇଁ କ୍ଷତିକାରକ ନୁହେଁ । କେତେକ ବିଶେଷ ସ୍ଥିତିରେ ଏହା କ୍ଷତିକାରକ ହୋଇଥାଏ । ଯଦି କୌଣସି ବ୍ୟକ୍ତିଙ୍କୁ ଥଣ୍ଡାକାଶ ବା ସଂକ୍ରମଣ ରହୁଥାଏ, ତେବେ ଲାକ୍ଟୋଜେନ୍ ଇନ୍‌ଟଲରେନ୍ସର ଶିକାର ହୋଇପାରନ୍ତି। ସେହିପରି ପାଚନତନ୍ତ୍ର ଦୁର୍ବଳ ଥିବା ବ୍ୟକ୍ତିମାନେ ମଧ୍ୟ ଥଣ୍ଡା କ୍ଷୀର ପିଇବା ଅନୁଚିତ୍।

**ସ୍ୱାସ୍ଥ୍ୟ ଓ ସ୍ୱାଦର ତାଳମେଳ**

ଯଦି ଗରମରେ କ୍ଷୀରର ଆନନ୍ଦ ନେବାକୁ ଚାହାନ୍ତି, ତେବେ

- ଫ୍ରିଜ୍‌ରୁ କାଢି କ୍ଷୀର ତୁରନ୍ତ ପିଅନ୍ତୁ ନାହିଁ
- କ୍ଷୀରକୁ ହାଲ୍‌କା ଉଷୁମ କରି ପିଅନ୍ତୁ
- ହାଲ୍‌କା ଉଷୁମ କ୍ଷୀର ପିଇବା ଦ୍ୱାରା ଭଲ ନିଦ ସାଙ୍ଗକୁ ଶରୀରରେ ଥଣ୍ଡା ଅନୁଭବ ହୋଇଥାଏ।

# ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟର ଶୁଭାରମ୍ଭ




ଭୁବନେଶ୍ୱର ( ସ୍ୱ ପ୍ର ) : ରାଜ୍ୟର ଗ୍ରାମାଞ୍ଚଳ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାର ଚତୁର୍ଥ ପର୍ଯ୍ୟାୟ ର ଶୁଭାରମ୍ଭ ହୋଇଯାଇଛି । ରାୟଗଡ଼ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର କୃଷି ତଥା ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି ପିଏମ୍‌ଜିଏସ୍‌ୱାଇ-୪ରେ ଓଡ଼ିଶାର ୮ଟି ଜିଲ୍ଲା ପାଇଁ ପ୍ରାୟ ୧୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟ ବରାଦ କରାଯିବ। ଏଥିରେ ୮୯୮ଟି ଗାଁରେ ୧୭୦୨ କିଲୋମିଟର ପକ୍କାରାସ୍ତା ନିର୍ମାଣ କରାଯିବ। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ ଜିଲ୍ଲା ପାଇଁ ଅନେକ ନୂତନ ସଡ଼କ ପ୍ରକଳ୍ପ ଘୋଷଣା କରିବା ସହ ଏକାଧିକ ପାନୀୟ ଜଳ ଓ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, ଗ୍ରାମାଞ୍ଚଳର ବିକାଶ ବିନା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଅସମ୍ଭବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟିକୁ ସାକାର କରିବା ପାଇଁ ରାଜ୍ୟ ସରକାର ଚଗଏଝଣ-ଓଠ ମାଧ୍ୟମରେ ଅଣ-ସଂଯୋଜିତ ଗ୍ରାମଗୁଡ଼ିକୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ପର୍ଯ୍ୟାୟରେ କନ୍ଧମାଳ, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଓ ସମ୍ବଲପୁର ଭଳି ୮ଟି ଜିଲ୍ଲାର ୮୯୮ଟି ଗ୍ରାମକୁ ସବୁଦିନିଆ ପକ୍କା ରାସ୍ତା ଯୋଗାଇ ଦିଆଯିବ। ଏଥିପାଇଁ ୧୭୦୨ କିଲୋମିଟର ଦୈର୍ଘ୍ୟର ୮୨୭ଟି ନୂତନ ରାସ୍ତା ନିର୍ମାଣ ହେବ, ଯେଉଁଥିରେ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଅର୍ଥ ବିନିଯୋଗ କରିବେ। ଏହି ଶୁଭ ଅବସରରେ ଓଡ଼ିଶା ପାଇଁ କେନ୍ଦ୍ରୀୟ ସହାୟତାର ବଡ଼ ଘୋଷଣା କରାଯାଇଛି ।ଏହା ସହିତ ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଅଧିନରେ ୬୩୦ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା-ଜଳ ବିଭାଜିକା ବିକାଶ ଉପାଦାନ (WDC-PMKSY 2.0) ପାଇଁ ୩୦ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଶୁଭଦୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଶିବରାଜ ଜୀଙ୍କ ଓଡ଼ିଶା ପ୍ରୀତିକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରାକୁ ମନେ ପକାଇ ସେ କହିଥିଲେ ଯେ, ଏହି ଯୋଜନା ଗ୍ରାମୀଣ ଭାରତର ଦଶା ଓ ଦିଶା ବଦଳାଇ ଦେଇଛି।

ବିଶେଷ କରି ଦୁର୍ଗମ ଅଞ୍ଚଳରେ ବିକାଶ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ପିଏମ୍‌ଜିଏସ୍‌ୱାଇ-୪ରେ କେବଳ ରାୟଗଡ଼ ଓ ମାଲକାନଗିରି ଜିଲ୍ଲାରେ ୪୪୨ଟି ନୂତନ ରାସ୍ତା ନିର୍ମାଣ କରାଯିବ।

ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରାୟଗଡ ଜିଲ୍ଲାରେ ଅନେକ ବିକାଶ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। କୋଲନରା, ମୁନିଗୁଡା ଓ ରାୟଗଡ ବ୍ଲକରେ ୯୭ କୋଟି ଟଙ୍କା ବ୍ୟୟରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି, ଯାହାଦ୍ୱାରା ୯୮ଟି ଗାଁର ଜନସାଧାରଣ ଉପକୃତ ହେବେ। ରାୟଗଡ଼ା, କାଶିପୁର, କେ. ସିଙ୍ଗପୁର, କୋଲନରା ଓ ମୁନିଗୁଡ଼ା ବ୍ଲକ ଅଞ୍ଚଳରେ ୧୦୪ କୋଟି ୫୬ ଲକ୍ଷ ଟଙ୍କା ବିନିଯୋଗରେ ୧୩ଟି ନୂଆ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା ଏହି ସଡ଼କ ଓ ସେତୁ ପ୍ରକଳ୍ପଗୁଡ଼ିକ ଦ୍ୱାରା ସୁଦୂର ଗ୍ରାମାଞ୍ଚଳଗୁଡ଼ିକ ମୁଖ୍ୟ ସ୍ରୋତ ସହ ଯୋଡ଼ି ହୋଇପାରିବେ।

# ଭାରତର ପ୍ରକୃତ ଶକ୍ତି ଏହାର ବିବିଧତା ମଧ୍ୟରେ ନିହିତ ଏକତାରେ ଅଛି : ରାଜ୍ୟପାଳ



ଭୁବନେଶ୍ୱର :ଭାରତର ପ୍ରକୃତ ଶକ୍ତି ଏହାର ବିବିଧତା ମଧ୍ୟରେ ନିହିତ ଏକତାରେ ଅଛି ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ଶୁକ୍ରବାର ଦିନ ଲୋକଭବନର ନ୍ୟୁ ଅଭିଷେକ୍ ହଲ୍‌ରେ ଆୟୋଜିତ ଗୁଜରାଟ ଓ ମହାରାଷ୍ଟ୍ର ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ରାଜ୍ୟପାଳ ଏହା କହିଛନ୍ତି ଓ ଏହି ଅବସରରେ ରାଜ୍ୟର ମାନ୍ୟବର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ।

ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ ଜନସାଧାରଣଙ୍କୁ ପରସ୍ପର ପ୍ରତି ସମ୍ମାନ, ସାଂସ୍କୃତିକ ସମନ୍ୱୟ ଏବଂ ଜାତୀୟ ଏକତା ବଜାୟ ରଖି ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଆହ୍ୱାନ ଜଣାଇଛନ୍ତି । ରାଜ୍ୟପାଳ ଏହା ମଧ୍ୟ କହିଛନ୍ତି ଯେ ଯେତେବେଳେ ଲୋକମାନେ ଏକତ୍ରିତ ହୁଅନ୍ତି, ପରସ୍ପରର ସଂସ୍କୃତି ବୁଝନ୍ତି, ପରମ୍ପରାକୁ ସମ୍ମାନ କରନ୍ତି ଏବଂ ବିବିଧତାକୁ ଗ୍ରହଣ କରନ୍ତି ସେତେବେଳେ ସେମାନେ ରାଷ୍ଟ୍ରର ମୂଳକୁ ଆହୁରି ମଜବୁତ କରନ୍ତି ।ଏହି ପାରସ୍ପରିକ ସମ୍ମାନ ଏବଂ ଏକତା ଭାରତକୁ କେବଳ ଏକ ଦେଶ ନୁହେଁ ବରଂ ଏକ ଶକ୍ତିଶାଳୀ ଓ ଅବିଭାଜ୍ୟ ପରିବାର କରିଥାଏ ବୋଲି ରାଜ୍ୟପାଳ କହିଥିଲେ ।

ଏହି ସମାରୋହ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କର 'ଏକ ଭାରତ, ଶ୍ରେଷ୍ଠ ଭାରତ' ଦୃଷ୍ଟିକୋଣର ପ୍ରତିଫଳନ ଅଟେ ବୋଲି କହିବା ସହିତ ବିବିଧତା ମଧ୍ୟରେ ଏକତା ଆମର ସର୍ବଶ୍ରେଷ୍ଠ ଶକ୍ତି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

କାର୍ଯ୍ୟକ୍ରମର ଆରମ୍ଭରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଉପଲକ୍ଷେ ରାଜ୍ୟପାଳ ଶ୍ରମିକ ଭାଇ ଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଶ୍ରମିକ ସମାଜର ଅବଦାନକୁ ପ୍ରଶଂସା କରିଥିଲେ। ଶ୍ରମିକ ସମାଜକୁ ରାଷ୍ଟ୍ରର ମେରୁଦଣ୍ଡ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ସେମାନଙ୍କର ନିଷ୍ଠା, ପରିଶ୍ରମ ଏବଂ ସମର୍ପଣ ଭାରତର ପ୍ରଗତି ଓ ବିକାଶକୁ ତ୍ୱରାନ୍ୱିତ କରୁଛି।

# ପ୍ରଶ୍ନପତ୍ର ଲିକ୍: ନିଟ୍-ୟୁଜି ବାତିଲ




**ନୂଆଦିଲ୍ଲୀ:** ପୁଣି ଡାକ୍ତରୀ ପ୍ରବେଶିକା ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ନ୍ୟାସ୍‌ନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ମେ ୩ରେ ଅନୁଷ୍ଠିତ ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ବାତିଲ କରିବା ସହ ପୁନର୍ବାର ପରୀକ୍ଷା କରାଯିବ ବୋଲି ଘୋଷଣା କରିଛି। ୭ରୁ ୧୦ ଦିନ ମଧ୍ୟରେ ନୂଆ କାର୍ଯ୍ୟସୂଚୀ ଘୋଷଣା ହେବ ବୋଲି ଏନ୍‌ଟିଏ ମହାନିର୍ଦ୍ଦେଶକ ଅଭିଷେକ ସିଂହ କହିଛନ୍ତି। ଏହି ଅଭିଯୋଗର ବିସ୍ତୃତ ତଦନ୍ତ ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦାୟିତ୍ୱ ଦେଇଛନ୍ତି ।ଏହି ଘଟଣା ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା ସହିତ ଭାରତ ତଥା ବିଦେଶର ୫୪୩୨ କେନ୍ଦ୍ରରେ ପରୀକ୍ଷା ଦେଇଥିବା ୨୨ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କ ପାଇଁ ଅତ୍ୟଧିକ ଯନ୍ତ୍ରଣା ସୃଷ୍ଟି କରିବାକୁ ଯାଉଛି। 'ଏକ୍ସ'ରେ ଏକ ବିବୃତିରେ ନ୍ୟାସ୍‌ନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) କହିଛି ଯେ ସ୍ୱଚ୍ଛତା ଓ ଜାତୀୟ ପରୀକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସ ବଜାୟ ରଖିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏଜେନ୍ସି କହିଛି, ପ୍ରାଥମିକ ତଦନ୍ତରୁ କିଛି ଅନିୟମିତତା ହୋଇଥିବା ଜଣାପଡିଛି। ତେଣୁ ପୂର୍ବ ପରୀକ୍ଷାକୁ ବାତିଲ କରି ସାନି ପରୀକ୍ଷା କରିବାକୁ ପଡିବ। ଆଗାମୀ ଦିନରେ ଏଜେନ୍ସିର ଅଫିସିଆଲ୍ ଚ୍ୟାନେଲ୍ ମାଧ୍ୟମରେ ପୁନଃପରୀକ୍ଷା ତାରିଖ ବିଷୟରେ ଜଣାଇ ଦିଆଯିବ। ଏନ୍‌ଟିଏର ବିବୃତି ମୁତାବକ ସାନି ପରୀକ୍ଷା ପାଇଁ କୌଣସି ନୂତନ ପଞ୍ଜୀକରଣର ଆବଶ୍ୟକତା ନାହିଁ କି କୌଣସି ଅତିରିକ୍ତ ପରୀକ୍ଷା ଫି' ଆଦାୟ କରାଯିବ ନାହିଁ। ଛାତ୍ରଛାତ୍ରୀମାନେ ପୂର୍ବରୁ ଦେଇଥିବା ଫି' ଫେରସ୍ତ କରାଯିବ ଏବଂ ଏନ୍‌ଟିଏର ନିଜସ୍ୱ ସମ୍ବଳ ବ୍ୟବହାର କରି ପୁନଃ ପରୀକ୍ଷା କରାଯିବ ।ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏନ୍‌ଟିଏ ଦ୍ୱାରା ମେ ୩ ତାରିଖରେ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ନିଟ୍) ଅନୁଷ୍ଠିତ ହୋଇଥିଲା। ତେବେ ରାଜସ୍ଥାନର ସିକରରୁ ଅଭିଯୋଗ ମିଳିବା ପରେ ପ୍ରଶ୍ନପତ୍ର ଲିକ୍ ଘଟଣାର ତଦନ୍ତ ପାଇଁ ଏନ୍‌ଟିଏ ରାଜସ୍ଥାନ ସ୍ପେସାଲ ଅପରେସନ୍ ଗ୍ରୁପ୍ (ଏସ୍‌ଓଜି)କୁ ଦାୟିତ୍ୱ ଦେଇଥିଲା ।ଏସ୍‌ଓଜି ଅନୁଯାୟୀ, ରାଜସ୍ଥାନର ସିକରରେ ପରୀକ୍ଷା ଦେଇଥିବା ଅନେକ ନିଟ୍ ଆଶାୟୀଙ୍କୁ ମୋଟ ୭୨୦ ମାର୍କ ମଧ୍ୟରୁ ପ୍ରାୟ ୬୦୦ ମାର୍କ ଥିବା ପ୍ରଶ୍ନର ହସ୍ତଲିଖିତ କପି ମିଳିଥିଲା। ୧୫୦ ପୃଷ୍ଠାର ଏହି ପ୍ରଶ୍ନ ବ୍ୟାଙ୍କରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବବିଜ୍ଞାନର ୪୧୦ଟି ପ୍ରଶ୍ନ ରହିଥିଲା, ଯେଉଁଥିରୁ ୧୨୦ଟି ପ୍ରଶ୍ନ ମେ ୩ ତାରିଖରେ ଅନୁଷ୍ଠିତ ନିଟ୍ ପରୀକ୍ଷାରେ ଅବିକଳ ପଡିଥିଲା। ପରୀକ୍ଷାର ପ୍ରାୟ ଏକ ମାସ ପୂର୍ବରୁ ଜୟପୁର, ସିକର, ଝୁନଝୁନୁ ଓ ଚୁରୁ ସହରରେ ଆଶାୟୀଙ୍କ ମଧ୍ୟରେ 'ପ୍ରଶ୍ନ ବ୍ୟାଙ୍କ' ପ୍ରସାରିତ ହୋଇଥିବା ତଦନ୍ତରୁ ଏସ୍‌ଓଜି ଜାଣିବାକୁ ପାଇଛି।

ଅନ୍ୟପକ୍ଷରେ ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ବିରୋଧ କରି କଂଗ୍ରେସର ଛାତ୍ର ଶାଖା ନ୍ୟାସ୍‌ନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ପକ୍ଷରୁ ନୂଆଦିଲ୍ଲୀ ଶାସ୍ତ୍ରୀଭବନ ଆଗରେ ବଡଧରଣର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମେ ୨୦୨୪ରେ ଅନୁଷ୍ଠିତ ନିଟ୍ ପରୀକ୍ଷାରେ ଅନୁରୂପ ଭାବେ ପ୍ରଶ୍ନପତ୍ର ଲିକ୍ ହେବା ପରେ ଏନ୍‌ଟିଏ ସମାଲୋଚନାର ଶିକାର ହୋଇଥିଲା। ଏହି ମାମଲାର ତଦନ୍ତ ମଧ୍ୟ ସିବିଆଇ କରିଥିଲା। ୨୦୨୪ ପରୀକ୍ଷା ବାତିଲ କରିବାକୁ ଦାବି କରୁଥିବା ଆବେଦନର ଶୁଣାଣି କରି ସୁପ୍ରିମ୍‌କୋର୍ଟ କହିଥିଲେ ଯେ ପ୍ରଶ୍ନପତ୍ର ଲିକ୍ ହେବା ଦ୍ୱାରା ଅତି କମ୍‌ରେ ୧୫୫ ଜଣ ଛାତ୍ର ଉପକୃତ ହୋଇଛନ୍ତି। ତେବେ ପରୀକ୍ଷା ପରିଚାଳନାରେ ଏନ୍‌ଟିଏର କୌଣସି ବ୍ୟବସ୍ଥାଗତ ବିଫଳତାକୁ କୋର୍ଟ ଖାରଜ କରି ଦେଇଥିଲେ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା



ଭୁବନେଶ୍ୱର: ଓଡ଼ିଶାର ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକର ଦୁର୍ଗମ ଗାଁ ଗୁଡ଼ିକରେ ଜଳ କଷ୍ଟ ଲାଘବ ହୋଇଛି । ମହିଳାଙ୍କ ଦୁଃଖ ଦୂର ହୋଇଛି । ଡୁମେରପଦର, ସାଗବାରୀ, ଚୁଲବାଡ଼ି, ସୁଙ୍ଗେର, ଧାମନଘାଟି, ସିଆଡିମାଲ ଏବଂ ଲଦାଖମନ ଭଳି ଗାଁ ଗୁଡ଼ିକରେ ପାଣିର ଉପଲବ୍ଧତା କେବେ ବି ସୁନିଶ୍ଚିତ ନ ଥିଲା। ଫଳରେ ମହିଳାମାନେ ପାହାଡ଼ି ପଥ ଦେଇ ଦୂର ଝରଣାରେ ପହଞ୍ଚିବା ପାଇଁ ସେମାନେ ପ୍ଲାଷ୍ଟିକ୍ ଏବଂ ଷ୍ଟିଲ୍ ପାତ୍ର ଧରି ବାହାରକୁ ବାହାରି ଯାଆନ୍ତି । ଏଠାରେ ନିରାପଦ ପାନୀୟ ଜଳର ନିର୍ଭରଯୋଗ୍ୟ ସ୍ରୋତର ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ବେଦାନ୍ତ ଆଲୁମିନିୟମର ପ୍ରୟାସ ବେଶ ପ୍ରଶଂସନୀୟ ।

ଭୂତଳ ଜଳ ସ୍ତର ଏଠି ୭୫୦ଫୁଟ ପର୍ଯ୍ୟନ୍ତ ଗଭୀରତାକୁ ଖସି ଯାଏ, ଯାହା ପାରମ୍ପରିକ ଖୋଳାଯାଇଥିବା କୂଅର ଗଭୀରତାଠାରୁ ବେଶ ଅଧିକ । ବେଦାନ୍ତ ଆଲୁମିନିୟମ ଅଧୀନରେ ନିର୍ମଳ ପ୍ରକଳ୍ପର ଅଂଶ ଭାବରେ ସୌର-ଚାଳିତ ପମ୍ପିଂ ସିଷ୍ଟମ ଦ୍ୱାରା ଗଭୀର-ବୋର୍ ଡ୍ରିଲିଂ ନିୟୋଜିତ କରାଯାଇଛି । ଏହି ପାନୀୟ ଜଳ ପ୍ରଣାଳୀ ଗୁଡ଼ିକ ବର୍ତ୍ତମାନ ୭ଟି ଗ୍ରାମରେ କାର୍ଯ୍ୟ କ୍ଷମ, ଯାହାଦ୍ୱାରା ୩୦୦୦ରୁ ଅଧିକ ଲୋକ ଉପକୃତ ହେଉଛନ୍ତି ଏବଂ ଏହା ବର୍ଷ ସାରା ଗ୍ରାମବାସୀଙ୍କୁ ନିରାପଦ ପାନୀୟ ଜଳ ପ୍ରଦାନ ସୁନିଶ୍ଚିତ କରୁଛି । ଏହାଦ୍ୱାରା ଗ୍ରାମବାସୀଙ୍କର ଜଳବାୟୁ ପରିବର୍ତ୍ତନଜନିତ ସମ୍ବେଦନଶୀଳ ଜଳ ଉତ୍ସଗୁଡ଼ିକ ଉପରେ ନିର୍ଭରଶୀଳତା ହ୍ରାସ ହେଉଛି । ଡୁମେରପଦର ଗ୍ରାମର ବାସିନ୍ଦା ଚନ୍ଦ୍ରିକା ନାୟକ କୁହନ୍ତି ପୂର୍ବରୁ, ପାଣି ଆଣିବାକୁ ଦିନର ଅଧା ସମୟ ଲାଗିଯାଉଥିଲା । ବେଦାନ୍ତଦ୍ୱାରା ନିଆଯାଇଥିବା ପ୍ରୟାସ ପ୍ରକୃତରେ ଆମ ସମ୍ପ୍ରଦାୟ ପାଇଁ ଏକ ବରଦାନ ସଦୃଶ ହୋଇଛି । ସେହିପରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସୌରଶକ୍ତିର ବ୍ୟବହାର ଯୋଗୁଁ ବିଦ୍ୟୁତ୍ ସରବରାହ ନିୟମିତ ପାଇଛି, ଯାହା ପୂର୍ବରୁ କାଶୀପୁର ଏବଂ ଥୁଆମୂଳ ରାମପୁର ଭଳି ଦୂରବର୍ତ୍ତୀ ବ୍ଲକରେ ଏକ ସ୍ଥାୟୀ ପ୍ରତିବନ୍ଧକ ଥିଲା । ଏହାଯୋଗୁଁ ପୂର୍ବରୁ ଏହି ସବୁ ସ୍ଥାନରେ ନିୟମିତ ଜଳ ଯୋଗାଣ ବ୍ୟାହତ ହୋଇଥିଲେ । ସିଜିମାଳି ନିକଟବର୍ତ୍ତୀ ଏକ ଗ୍ରାମର ଜଣେ ମହିଳା କୁହନ୍ତି, 'ଆମକୁ ଆଉ ବିଦ୍ୟୁତ୍ କିମ୍ବା ଟ୍ୟାଙ୍କର ଆସିବା ପାଇଁ ବହୁତ ଘଣ୍ଟା ଅପେକ୍ଷା କରିବାକୁ ପଡ଼ିବ ନାହିଁ।'ବେଦାନ୍ତ ଦ୍ୱାରା ନିର୍ମିତ ସୌର ବୋରୱେଲ ଆମକୁ ବର୍ତ୍ତମାନ ଆମ ଘର ପାଖରେ ପାଣି ପହଞ୍ଚାଇବାରେ ସାହାଯ୍ୟ କରେ। ଏହାଯୋଗୁଁ ଆମେ ଦିନର ଯୋଜନା କରିବାର ପଦ୍ଧତିକୁ ମଧ୍ୟ ପରିବର୍ତ୍ତନ କରିଛି।'

# ରାଜ୍ୟବ୍ୟାପୀ ବିଜୁ ଯୁବ ଛାତ୍ର ଜନତା ଦଳର ପ୍ରତିବାଦ




**ଭୁବନେଶ୍ୱର:**ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇସମଗ୍ର ରାଜ୍ୟରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆନ୍ଦୋଳନ ହୋଇଛି । ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କଟକ ଜିଲ୍ଲା ପକ୍ଷରୁ ଖ୍ରୀଷ୍ଟ ମହାବିଦ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ ହୋଇଛି । ସେହିପରି ବ୍ରହ୍ମପୁର, ବାରିପଦା, ଅନୁଗୁଳ, ଯାଜପୁର, ବାଲେଶ୍ୱର ଆଦି ଜିଲ୍ଲାରେ ମଧ୍ୟ ବିଜେଡି ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଆନ୍ଦୋଳନରେ ଶତାଧିକ ଛାତ୍ର ଓ ଯୁବ କର୍ମୀମାନେ ଯୋଗଦେଇ କେନ୍ଦ୍ର ସରକାର ବିରୋଧରେ ଜୋରଦାର ନାରାବାଜି କରିଥିଲେ । ଆନ୍ଦୋଳନକାରୀ ଯୁବ ଛାତ୍ର ନେତାମାନେ କହିଥିଲେ ଯେ, ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣା ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ ଖେଳିଛି । ପୁନଃ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷାରେ ଅନିୟମିତତା ଘଟଣା କେନ୍ଦ୍ର ସରକାରଙ୍କ ବିଫଳତାକୁ ପଦାରେ ପକାଇଛି ।

ନେତୃବୃନ୍ଦ ଏହି ଘଟଣାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ସହ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେହିପରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୈତିକ ଦାୟିତ୍ୱ ନେଇ ତୁରନ୍ତ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ଛାତ୍ରନେତାମାନେ ଦାବି କରିଥିଲେ । ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ପରୀକ୍ଷା ବ୍ୟବସ୍ଥାରେ ତୁରନ୍ତ ସଂଶୋଧନ ଆଣିବାକୁ ମଧ୍ୟ ଦାବି କରାଯାଇଥିଲା । କେନ୍ଦ୍ର ସରକାର ଯଦି ଏହି ଘଟଣାରେ କଠୋର ପଦକ୍ଷେପ ନେବାରେ ବିଫଳ ହୁଏ, ତେବେ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଯୁବ କଂଗ୍ରେସ

**ଭୁବନେଶ୍ୱର :** ନିଟ୍ ପରୀକ୍ଷା ୨୦୨୬ ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ କେନ୍ଦ୍ର ସରକାରଙ୍କ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଜଣାଇଛି ରାଜ୍ୟ ଯୁବ କଂଗ୍ରେସ। ରାଜ୍ୟ ଯୁବ କଂଗ୍ରେସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶ୍ରୀ ସୁଦିପ ସାମଲ ଜଣାଇଛନ୍ତି ଯେ ଭାରତୀୟ ଜନତା ପାର୍ଟିର ସରକାର ଦୁର୍ନୀତି ଏବଂ ଭ୍ରଷ୍ଟାଚାରର ଚରମ ସୀମାରେ ପହଞ୍ଚିଛି। ଏହି ସରକାର ସମୟରେ ଭୋଟ ଚୋରୀ, ଖଣି ଚୋରି, ଜଙ୍ଗଲ ଜମି ଚୋରି ବିଷୟରେ ଦେଶବାସୀ ଅବଗତ ହୋଇଥିଲେ।

ତେବେ ଏ ସରକାର ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ସହ ଖେଳିବାକୁ ଯାଇ ପ୍ରଶ୍ନପତ୍ର ଚୋରି କରି ଦେଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି। କଂଗ୍ରେସକୁ ଦୁର୍ନୀତି ଖୋର କହି ଆସୁଥିବା ଏହି ସରକାର ଏବେ ପ୍ରମାଣିତ କରିଛି ଯେ ଭାରତ ବର୍ଷରେ ଭାରତୀୟ ଜନତା ପାର୍ଟି ସରକାର ହେଉଛି ଦେଶର ସର୍ବାଧିକ ଦୁର୍ନୀତି ଖୋର ସରକାର ବୋଲି। କେନ୍ଦ୍ରରେ ଭାରତୀୟ ଜନତାପାର୍ଟିର ସରକାର ଆସିବା ଦିନ ଠାରୁ ସାଧାରଣ ଜନତା ଦର ଦାମ ବୃଦ୍ଧିକୁ ନେଇ ଅତିଷ୍ଠ ଥିବାବେଳେ ଏବେ ଛାତ୍ରଛାତ୍ରୀ ମାନେ ନିଜର ଭବିଷ୍ୟତକୁ ନେଇ ଚିନ୍ତିତ ଅଛନ୍ତି। ନିଟ ୟୁଜି ୨୦୨୬ ପରୀକ୍ଷା ଆୟୋଜନ ପୂର୍ବରୁ ପ୍ରଶ୍ନପତ୍ର ଯେଉଁଭଳି ଭାବରେ ପ୍ରଘଟ ହେଲା ଏହା ଏକ ଚିନ୍ତଜନାକ ବିଷୟ। ପାଖାପାଖି ସାରା ଦେଶରେ ୨୨ ଲକ୍ଷ ଛାତ୍ରଛାତ୍ରୀ ପ୍ରଶ୍ନପତ୍ର ପ୍ରଘଟ ହେବା କାରଣରୁ ପ୍ରଭାବିତ ହୋଇଛନ୍ତି। ଯେଉଁ ମେଧାବୀ ଛାତ୍ରଛାତ୍ରୀ ମାନେ ଦିନରାତି ଅକ୍ଲାନ୍ତ ପରିଶ୍ରମ କରି ନିଟ ପରୀକ୍ଷାରେ ଉର୍ତ୍ତୀର୍ଣ୍ଣ ହେବାପାଇଁ ସ୍ୱପ୍ନ ଦେଖିଥିଲେ କେନ୍ଦ୍ର ସରକାର ସେମାନଙ୍କ ସ୍ୱପ୍ନକୁ ଧୂଳିସାତ କରିଦେଲେ। ବିଦ୍ୟାର୍ଥୀ ମାନଙ୍କର ଅଭିଭାବକ ମାନେ ଯେଉଁଭଳି କଷ୍ଟକରି ସେମାନଙ୍କର ଝାଳ ଅର୍ଜିତ ଧନରେ ତାଙ୍କୁ ଉଚ୍ଚଶିକ୍ଷିତ କରିବାପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଗଲା। ଏହା କଣ ଥିଲା ମୋଦିଙ୍କର ଆଛେଦିନ ! ଓଡ଼ିଆ ଅସ୍ମିତା କଥା କହୁଥିବା ଓଡ଼ିଶାର ସ୍ୱାଭିମାନ କଥା କହୁଥିବା ଏବଂ ଗଣମାଧ୍ୟମରେ ସବୁବେଳେ ପାଇଁ ବାହ ବାହା ନେଉଥିବା କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କର ଅପାରଗତା ଆଜି ଧରାପଡ଼ିଯାଇଛି।

# ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତାକୁ ନେଇ ଶିକ୍ଷାବିତ୍ ଓ କୁଳପତିଙ୍କ ଆଲୋଚନା



ଭୁବନେଶ୍ୱର : ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ହେଉଛି 'ପ୍ରଜ୍ଞା ପ୍ରେରଣା' କର୍ମଶାଳା। ମେ' ୨ ଓ ୩ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଜାତୀୟ ସ୍ତରୀୟ କର୍ମଶାଳାରେ ଦେଶର ବିଶିଷ୍ଟ ଶିକ୍ଷାବିତ୍, ରାଜ୍ୟର ସମସ୍ତ ବିଶ୍ୱ ବିଦ୍ୟାଳୟର କୁଳପତି, ଅଧ୍ୟାପକ ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଯୋଗଦେଇଛନ୍ତି। ଏହି ଜାତୀୟ କର୍ମଶାଳାରେ ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟାନ୍ୱୟନ ଏବଂ ଉଚ୍ଚଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଉପରେ ଆଲୋଚନା କରାଯାଉଛି।

କର୍ମଶାଳାର ପ୍ରଥମ ଦିନରେ ଉତ୍କଳ ବିଶ୍ୱ ବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱ ବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର କୁଳପତିମାନେ ବିଶ୍ୱ ବିଦ୍ୟାଳୟର ପୃଷ୍ଠଭୂମି ଏବଂ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିବା ସହ ଗୁଣାତ୍ମକ ଶିକ୍ଷାଦାନ, ଗବେଷଣା ଓ ଛାତ୍ରଛାତ୍ରୀମାନଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ।

ସ୍ନାତକ ପାଠ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି-୨୦୨୦କୁ କାର୍ଯ୍ୟକାରୀ କରିବା, ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ପାଠ୍ୟ ଖସଡା ପ୍ରସ୍ତୁତ କରିବା, ଦକ୍ଷତା ବିକାଶ ସମ୍ବନ୍ଧୀୟ ପାଠ୍ୟକ୍ରମର ଅନ୍ତର୍ଭୁକ୍ତୀକରଣ, ଗୁଣାତ୍ମକ ଓ ପ୍ରୟୋଗାତ୍ମକ ଶିକ୍ଷାଦାନ, ଉଚ୍ଚ କୋଟୀର ଗବେଷଣା, ଛାତ୍ରଛାତ୍ରୀମାନଙ୍କୁ ଇଣ୍ଟର୍ନସିପ୍ ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବା, କ୍ୟାମ୍ପସରେ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ସୁଦୃଢ଼ କରିବା ଆଦି ପଦକ୍ଷେପ ଉପରେ କୁଳପତିମାନେ ଗୁରୁତ୍ୱାରୋପ କରିଥିଲେ।

# କିମ୍ସରେ ବିରଳ ଅସ୍ତ୍ରୋପଚାର

## ସଳଖିଲା ବଙ୍କା ମେରୁଦଣ୍ଡ



ଭୁବନେଶ୍ୱର: ମୁଣ୍ଡ ସବୁବେଳେ ତଳକୁ ନଇଁଲା ଭଳି ରହୁଥିଲା, ଉପରକୁ ଚାହିଁ ପାରୁ ନ ଥିଲେ, ଠିକ ଭାବେ ଖାଇ ପାରୁ ନ ଥିଲେ କି ଶୋଇ ପାରୁନଥିଲେ। ଏବେ କିମ୍ସ ତାଙ୍କୁ ଦେଇଛି ନୂଆ ଜୀବନ। ଚିକିତ୍ସା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିବା ଓଡ଼ିଶାର କିମସ ହସ୍ପିଟାଲର ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ନୂଆ ଜୀବନ ପାଇଛନ୍ତି ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ। ସୁଜିତଙ୍କଠାରେ ହୋଇଥିବା ବିରଳ ଓ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ସଫଳ ହୋଇଛି। ଭାରତର ଅଳ୍ପ କେତେକ ଉଚ୍ଚସ୍ତରୀୟ ହସ୍ପିଟାଲରେ ସମ୍ଭବ ହେଉଥିବା ଏ ପ୍ରକାର ଅସ୍ତ୍ରୋପଚାର ଏବେ ଭୁବନେଶ୍ୱରର କିମସରେ ସମ୍ଭବ ହୋଇପାରିଛି।

ସୂଚନା ଯୋଗ୍ୟ, କଟକ ଜିଲ୍ଲା ତ୍ରିଶୁଳିଆ ଅଞ୍ଚଳର ସୁଜିତ ନାୟକ ପୂର୍ବରୁ Ankylosing Spondylitis (ଆଙ୍କିଲୋଜିଂ ସ୍ପଣ୍ଡିଲାଇଟିସ୍) ନାମକ ଜଟିଳ ରୋଗରେ ପୀଡ଼ିତ ଥିଲେ। ପରେ ଏକ ଦୁର୍ଘଟଣାରେ ତାଙ୍କର ବେକ ଓ ପିଠି ହାଡ଼ ମଧ୍ୟରେ ଗୁରୁତର ଆଘାତ ଲାଗିଥିଲା। ଫଳରେ ତାଙ୍କ ମୁଣ୍ଡ ସବୁବେଳେ ନଇଁଲା ଭଳି ଅବସ୍ଥାରେ ରହୁଥିଲା। ସେ ଉପରକୁ ଚାହିଁ ପାରୁନଥିଲେ, ଠିକ ଭାବେ ଖାଇ ପାରୁନଥିଲେ, ଶୋଇବା ମଧ୍ୟ କଷ୍ଟକର ହୋଇପଡ଼ିଥିଲା। ଆର୍ଥିକ ଅସୁବିଧା କାରଣରୁ ରାଜ୍ୟ ବାହାରେ ଚିକିତ୍ସା ସମ୍ଭବ ହୋଇନଥିଲା। ପରେ ବନ୍ଧୁମାନଙ୍କ ପରାମର୍ଶରେ ସେ କିମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ହସ୍ପିଟାଲର ବରିଷ୍ଠ ସ୍ପାଇନ୍ ସର୍ଜନ ଡା ଜିତେନ୍ଦ୍ର କୁମାର ରାଉତ ଏହାକୁ ପରୀକ୍ଷା ନିରୀକ୍ଷା କରିବା ପରେ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏହା ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲେ ମଧ୍ୟ ଡା ରାଉତ ତାହା ସଫଳତାର ସହ ସମ୍ପନ୍ନ କରିଥିଲେ। ଡା ରାଉତଙ୍କ ନେତୃତ୍ୱରେ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଦୀର୍ଘ ୮ ଘଣ୍ଟା ଧରି ପରିଶ୍ରମ କରି ଅସ୍ତ୍ରୋପଚାରକୁ ସଫଳ କରିଥିଲେ। ଅସ୍ତ୍ରୋପଚାର ପରେ ସୁଜିତ ନାୟକ ଏବେ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ସେ ସିଧା ହୋଇ ବସିପାରୁଛନ୍ତି, ମୁଣ୍ଡ ଉଠାଇ ସବୁଦିଗ ଦେଖିପାରୁଛନ୍ତି ଏବଂ ଠିକ ଭାବେ ଖାଇପାରୁଛନ୍ତି। ଏହି ଅସ୍ତ୍ରୋପଚାର ପାଇଁ ସୁଜିତ କିମସର ଡାକ୍ତର ଓ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଏକ ଅତ୍ୟନ୍ତ ଜଟିଳ ମେରୁଦଣ୍ଡ ଅସ୍ତ୍ରୋପଚାର ଥିଲେ ମଧ୍ୟ କିମ୍ସ ଉପଲବ୍ଧ ଅତ୍ୟାଧୁନିକ ଯନ୍ତ୍ରପାତି, ଚିକିତ୍ସା ପଦ୍ଧତି ଓ ଡାକ୍ତରୀଦଳର ଟିମ୍‌ୱାର୍କ ଯୋଗୁଁ ଅସ୍ତ୍ରୋପଚାର ସଫଳ ହୋଇପାରିଥିଲା ବୋଲି ଡା. ରାଉତ ପ୍ରକାଶ କରିଛନ୍ତି। ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରୋଗୀଙ୍କ ଆରୋଗ୍ୟ କାମନା କରିବା ସହ ଏହି ଅସ୍ତ୍ରୋପଚାରରେ ସମ୍ପୃକ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି।

### ଜୟପୁରଠାରେ ବିଧାନସଭାର କମିଟି ସମ୍ପର୍କିତ ବୈଠକ

# ଆଗାମୀ ଦିନରେ କମିଟିଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରାଯିବ: ବାଚସ୍ପତି



ଭୁବନେଶ୍ୱର:ବିଧାନସଭାର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଅଛି । ମଧ୍ୟପ୍ରଦେଶର ବାଚସ୍ପତି ଶ୍ରୀ ନରେନ୍ଦ୍ର ସିଂ ତୋମାରଙ୍କ ଅଧକ୍ଷତାରେ ତଥା ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳପ୍ରଦେଶ, ସିକ୍କିମ ସମେତ ଓଡିଶାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଲୋକସଭାର ବାଚସ୍ପତି ଶ୍ରୀ ଓମ୍ ବିର୍ଲାଙ୍କ ଦ୍ୱାରା ୭ଟି ବିଧାନସଭାର ବାଚସ୍ପତିଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି । ଆଗାମୀ ଦିନରେ କମିଟି ବ୍ୟବସ୍ଥାକୁ କିପରି ଅଧିକ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରାଯାଇପାରିବ ସେ ସମ୍ପର୍କରେ ଏହି କମିଟି ନୀତିଗତ ଭାବରେ ନିଷ୍ପତ୍ତି ଗ୍ରହଣ କରିବେ ।

ଏହି ସମ୍ମିଳନୀରେ ଯୋଗ ଦେଇ ବାଚସ୍ପତି ଶ୍ରୀମତୀ ପାଢୀ ନିଜର ମତ ଉପସ୍ଥାପନ କରି କହିଲେ ଯେ, ଭାରତର ସଂସଦୀୟ ପରମ୍ପରା ବ୍ୟବସ୍ଥାରେ ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର । ଏଥି ପ୍ରତି ଜନସାଧାରଣଙ୍କର ଆଶା-ଆକାଂକ୍ଷା ଓ ବିଶ୍ୱାସକୁ ବଳବତ୍ତର ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏ କ୍ଷେତ୍ରରେ ଆମର ଉତ୍ତରଦାୟିତ୍ୱବୋଧ ରହିବା ଆବଶ୍ୟକ । ବିଧାନସଭା କମିଟି ବ୍ୟବସ୍ଥା, ସରକାରଙ୍କର ବିଭିନ୍ନ ଯୋଜନା ଏବଂ ଏହାର ସଫଳ ରୂପାୟନର ତଦାରଖ କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି ।

ଆମ ରାଜ୍ୟରେ ୪ ଟି ଫାଇନାନସିଆଲ୍ କମିଟି, ୧୦ ଟି ଡିପାର୍ଟମେଣ୍ଟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି, ୧୦ ଟି ହାଉସ୍ କମିଟି, ୫ ଟି ଷ୍ଟାଚ୍ୟୁଟାରୀ କମିଟି ଓ ୬ ଟି ଆଡ ହକ୍ କମିଟି ଏହିପରି ମୋଟ ୩୫ ଟି କମିଟି ରହିଛି । ଏହି କମିଟିଗୁଡିକର କାର୍ଯ୍ୟ ଓ ପରିସର ଖୁବ ବ୍ୟାପକ ଓ ଗୁରୁତ୍ୱପୂର୍ଣ୍ଣ । ଏହି କମିଟିଗୁଡିକ ଉଲ୍ଲେଖନୀୟ କାର୍ଯ୍ୟ କରୁଅଛନ୍ତି । ଆଗାମୀ ଦିନରେ ବିଧାନସଭାର ଏହି କମିଟିଗୁଡିକ କିପରି ଅଧିକ ପ୍ରଭାବଶାଳୀ ଢଙ୍ଗରେ କାର୍ଯ୍ୟ କରିବ ସେଥିପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡିବ ।

ଏଠାରେ ସୂଚନାଯୋଗ୍ୟ ଯେ, ବିଧାନସଭା କମିଟିଗୁଡିକର ସମୀକ୍ଷା ସମ୍ପର୍କିତ ପ୍ରଥମ ବୈଠକ ଭୋପାଳଠାରେ ୨୦୨୫ ମସିହା ଜୁଲାଇ ୧୪ ତାରିଖରେ ଅନୁଷ୍ଠିତ ହୋଇଥିବା ବେଳେ ପରବର୍ତ୍ତି ସମୟରେ ଏହାର ନିର୍ଣ୍ଣାୟକ ବୈଠକ ଆହୁତ ହୋଇ ସଭ୍ୟମାନଙ୍କର ସୁପାରିଶଗୁଡ଼ିକୁ ଭିତ୍ତି କରି ଏକ ଉତ୍ତମ ମାର୍ଗଦର୍ଶିକା ଚୂଡ଼ାନ୍ତ କରାଯିବ ।

# ଏଥର ସମୟ ପୂର୍ବରୁ ଆସିବ ମୌସୁମୀ



ଭୁବନେଶ୍ୱର : ଆଉ କିଛି ଦିନ ପରେ ତାତିର ରାଜୁତି ସରିବ। ପାଗ ବଦଳିବ ଏବଂ ଲୋକଙ୍କୁ ମିଳିବ ଆଶ୍ୱସ୍ତି। ଚଳିତ ମାସ ଶେଷ ଆଡ଼କୁ ଥଣ୍ଡା ପଡ଼ିବ ପାଗ ଏବଂ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଯିବ ବର୍ଷା। କାରଣ,ଏଥର ବହୁତ ଆଗୁଆ ଆସିବ ମୌସୁମୀ। ଏଭଳି ଆଶ୍ୱସ୍ତିକର ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି)। ବିଭାଗ ଆଜି କହିଛି ଯେ ଏଥର ସଅଳ ଆସିବ ମୌସୁମୀ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ପାଇଁ ବାଟ ଏବେ ପ୍ରାୟ ସଫା ହୋଇଯାଇଛି। ଆସନ୍ତା ୨୦ ସୁଦ୍ଧା ମୌସୁମୀ ବାୟୁ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜର କିଛି ଅଞ୍ଚଳକୁ ପହଞ୍ଚିପାରେ। ଏହା ସହ ଏଥର ମୌସୁମୀ ସ୍ୱାଭାବିକ ସମୟରେ ଭାରତୀୟ ଭୂଖଣ୍ଡକୁ ଛୁଇଁବାର ସମ୍ଭାବନା ବଢ଼ିଛି।

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁସାରେ, ଚଳିତ ସପ୍ତାହ ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଅଞ୍ଚଳରେ ପାଗ ମୌସୁମୀ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ହେବ। ମେ' ୧୪ରୁ ୨୦ ମଧ୍ୟରେ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ଆହୁରି ଶକ୍ତିଶାଳୀ ହେବା ସହ ବର୍ଷାର ପରିମାଣ ବଢ଼ିବ। ଏହା ମୌସୁମୀ ବାୟୁକୁ ଆଗକୁ ବଢ଼ିବାରେ ସହଯୋଗ କରିବ। ମେ' ୧୪-୧୫ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ଘନୀଭୂତ ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ମୌସୁମୀ ବାୟୁକୁ ଆଗକୁ ବଢାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହାର ପ୍ରଭାବରେ ଆଣ୍ଡାମାନ ସହ ତାମିଲନାଡୁ ଓ କେରଳର କିଛି ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ଆରମ୍ଭ ହୋଇସାରିଛି। ସାଧାରଣତଃ ଜୁନ୍ ୧ରେ କେରଳ ଉପକୂଳରେ ମୌସୁମୀ ପହଞ୍ଚୁଥିବା ବେଳେ, ଏଥର ଏହା ଠିକ୍ ସମୟରେ କିମ୍ବା କେତେକ ଅଞ୍ଚଳରେ ତା'ପୂର୍ବରୁ ମଧ୍ୟ ପହଞ୍ଚିପାରେ ବୋଲି ଆକଳନ କରାଯାଉଛି।

ଚାଷୀମାନଙ୍କ ପାଇଁ ଏହା ଏକ ଖୁସିର ଖବର ହୋଇଥିବା ବେଳେ, ତୀବ୍ର ଗ୍ରୀଷ୍ମ ଓ ଅସହ୍ୟ ତାତିରେ କଲବଲ ହେଉଥିବା ସାଧାରଣ ଲୋକଙ୍କୁ ମଧ୍ୟ ଆଶ୍ୱସ୍ତି ଦେଇଛି। ଏବେ ସମସ୍ତଙ୍କ ନଜର ମୌସୁମୀର ପ୍ରଥମ ବର୍ଷା ଉପରେ।

ଇତିମଧ୍ୟରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଏହା ସହ ଜଡିତ ଘୂର୍ଣ୍ଣିବଳୟ ସମୁଦ୍ର ପତନଠାରୁ ପ୍ରାୟ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପ୍ତ ରହିଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହି ଲଘୁଚାପ କ୍ଷେତ୍ର ଆହୁରି ଘନୀଭୂତ ହୋଇ ସୁଦୃଶ୍ୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। କାଳବୈଶାଖୀ ପ୍ରଭାବରେ ଗତକାଲି ଉତ୍ତର ଓ ଉପକୂଳ ଓଡିଶାର ବିଭିନ୍ନ ସ୍ଥାନରେ ଘଡଘଡି ସହ ବର୍ଷା ହୋଇଥିଲା। ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବି ବହିଥିଲା । ଆଜି ମଧ୍ୟ କେତେକ ସ୍ଥାନରେ ବର୍ଷା ହୋଇତିବାର ସୂଚନା ମିଳିଛି। ଆସନ୍ତାକାଲି ମଧ୍ୟ ବିକ୍ଷିପ୍ତ ସ୍ଥାନରେ ବର୍ଷା ହୋଇପାରେ। ଗତକାଲି ରାଜ୍ୟର ସବୁଠି ତାପମାତ୍ରା ୪୦ ଡିଗ୍ରୀ ତଳେ ଥିଲା । ନୂଆପଡାରେ ସର୍ବାଧିକ ୩୯ ଓ ସୋନପୁରରେ ୩୮.୮ ଡିଗ୍ରୀ ରେକର୍ଡ ହୋଇଥିଲା । ଅପରାହ୍ନରେ ଭୁବନେଶ୍ୱର ସମେତ ଅନେକ ସ୍ଥାନରେ ବର୍ଷା ହୋଇଛି। ସେହିପରି, ଆଜି ମଧ୍ୟ ପୂର୍ବଦିନଗୁଡ଼ିକ ଅପେକ୍ଷା ତାତି କମ ଅନୁଭୁତ ହୋଇଛି। ଲଘୁଚାପ ସୃଷ୍ଟି ହେବା ପରେ ମୌସୁମୀର ଅଗ୍ରଗତି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ । ରାଜ୍ୟରେ ମେ ମାସ ମଧ୍ୟ ଭାଗରେ କାଳବୈଶାଖୀ, ବିଜୁଳି, ଘଡଘଡି ସହ ପ୍ରବଳ ପବନ ଓ ବର୍ଷା ପରିମାଣ ବଢିପାରେ। ଉପକୂଳ ଜିଲ୍ଲାରେ ସମୁଦ୍ର ଅଶାନ୍ତ ରହିବା ସହ ପବନର ଗତି ବଢିପାରେ।

## 'ଅମୃତ କାଳ ଏବେ ଦେଶ ପାଇଁ ପାଲଟିଛି ବିଷ କାଳ' : ରାହୁଲ

ନୂଆଦିଲ୍ଲୀ :ଲୋକସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ନିଟ୍ ପରୀକ୍ଷା ବାତିଲକୁ ନେଇ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି। ସେ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, 'ତଥାକଥିତ ଅମୃତ କାଳ ଦେଶ ପାଇଁ ବିଷ କାଳ ପାଲଟିଛି। ପେପର ଲିକ୍ ୨୨ ଲକ୍ଷ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ଭାଙ୍ଗି ଦେଇଛି ଏବଂ ଏଥିପାଇଁ ବିଜେପିର 'ଦୁର୍ନୀତିଗ୍ରସ୍ତ ସରକାର' ଦାୟୀ। ରାହୁଲ କହିଛନ୍ତି ଯେ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ପାଇଁ ବ୍ୟାଙ୍କ ଋଣ ନେଇଥିଲେ, ଯେତେବେଳେ କି କିଛି ମାଆମାନେ ସେମାନଙ୍କର ଅଳଙ୍କାର ମଧ୍ୟ ବନ୍ଧକ ରଖିଥିଲେ, ଏବଂ ପିଲାମାନେ ସାରା ରାତି ପାଠ ପଢିଥିଲେ। ସରକାରଙ୍କୁ ଟାର୍ଗେଟ କରି ରାହୁଲ କହିଛନ୍ତି, ଏହା ବଦଳରେ ସେମାନଙ୍କୁ ପେପର ଲିକ୍, ସରକାରୀ ଅବହେଳା ଏବଂ ଶିକ୍ଷାରେ ସଂଗଠିତ ଦୁର୍ନୀତି ମିଳିଥାଏ। ଏହା କେବଳ ଏକ ବିଫଳତା ନୁହେଁ, ବରଂ ଏହି ଦେଶର ଯୁବପିଢ଼ିଙ୍କ ବିରୁଦ୍ଧରେ ଏକ ଅପରାଧ। ପ୍ରତ୍ୟେକ ଥର, ପେପର ମାଫିଆମାନେ ମୁକ୍ତ ହୋଇଯାଆନ୍ତି,କିନ୍ତୁ ସଚ୍ଚୋଟ ଛାତ୍ରମାନେ ଏହାର ମୂଲ୍ୟ ଦିଅନ୍ତି। ଏବେ, ଲକ୍ଷ ଲକ୍ଷ ଛାତ୍ର ପୁଣି ଥରେ ମାନସିକ ଚାପ, ଆର୍ଥିକ ବୋଝ ଏବଂ ଅନିଶ୍ଚିତତାର ସମ୍ମୁଖୀନ ହେବେ।'

# ଅବହେଳିତ କଳାହାଣ୍ଡି ପାଇଁ ସବୁ ରାଜନୈତିକ ଦଳ ଦାୟୀ: ମୋକିମ



ଭବାନୀପାଟଣା :ଗତ ୩୦ ବର୍ଷର ଧରି କଳାହାଣ୍ଡି ଅବହେଳା ର ଶିକାର ହେଇଛି। ଏଥିପାଇଁ କଂଗ୍ରେସ, ବିଜେଡି ଏବଂ ବିଜେପି ସରକାର ଦାୟୀ। ରାଜନୈତିକ ଅପାରଗତା ହିଁ ଲୋକଙ୍କୁ ପଛକୁ ନେଇ ଯାଇଛି। ଏଠାରୁ ନିର୍ବାଚିତ ହେବା ପରେ ନେତା ମାନେ ରାୟପୁର ଦେଇ ଦିଲ୍ଲୀ ଯାଆନ୍ତି କିମ୍ବା ରାଜ୍ୟ ରାଜଧାନୀ ର ବିଳାସପୂର୍ଣ୍ଣ ହୋଟେଲ ରେ ରହି ଲୋକଙ୍କ ସମସ୍ୟା ଭୁଲି ଯାଆନ୍ତି। ଏଣୁ ଓଡ଼ିଶା ଜନତା କଂଗ୍ରେସ କଳାହାଣ୍ଡିବାସୀଙ୍କ ସ୍ୱର ସାଜିବ। କଳାହାଣ୍ଡିରୁ ଖଣି ଖାଦାନ ଲୁଟ୍ ହେବାକୁ ଦିଆଯିବ ନାହିଁ। ସିଜିମାଳି ପ୍ରଭାବିତ ଅଞ୍ଚଳବାସୀଙ୍କୁ ପୁଲିସ ର ବର୍ବରୋଚିତ୍ ଆକ୍ରମଣ କୁ ଓଡ଼ିଶା ଜନତା କଂଗ୍ରେସ ପ୍ରତିରୋଧ କରିବ।ଆମେ ଏ ଜିଲାର ଅବହେଳିତ ଲୋକଙ୍କ ସ୍ୱର ସାଜିବୁ। ଜିଲାର ବେକାର ଙ୍କୁ ନିଯୁକ୍ତି, ଚାଷୀ ଙ୍କୁ ଶୋଷଣ ରୁ ରକ୍ଷା ଆମର ମୂଳ ଉଦ୍ଦେଶ୍ୟ ହେବ ବୋଲି ଓଡ଼ିଶା ଜନତା କଂଗ୍ରେସ ସଭାପତି ମହମ୍ମଦ ମୋକିମ ଆଜି ଏଠାରେ ଅନୁଷ୍ଠିତ ଏକ ସମାବେଶରେ ଉଦବୋଧନ ଦେଇଛନ୍ତି।

ବେଦାନ୍ତ କମ୍ପାନୀ ଏବଂ ଉତ୍କଳ ଆଲୁମିନା କଳାହାଣ୍ଡିର କେତେ ଯୁବକ ସିଧା ସଳଖ ନିଯୁକ୍ତି ପାଇଛନ୍ତି ବୋଲି ମୋକିମ ପ୍ରଶ୍ନ କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଙ୍କୁ ଚ୍ୟାଲେଞ୍ଜ ଦେବାକୁ ଭବାନୀପାଟଣାରେ ଦଳର ଦ୍ୱିତୀୟ ସମାବେଶ ହେଲାକି ବୋଲି ଗଣମାଧ୍ୟମର ପ୍ରଶ୍ନକୁ ମୋକିମ ଏଡ଼ାଇ ଦେଇଥିଲେ। ତେବେ ମୁଁ ଗଡ଼ରେ ବିଶ୍ୱାସ କରେ ନାହିଁ ବୋଲି ମୋକିମ କହିଥିଲେ ।ଦଳର ପ୍ରତିଷ୍ଠାତା ସଭ୍ୟ ମଧୁ ମହାନ୍ତି ଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ରେ ପ୍ରାୟ ୮ ହଜାର ରୁ ଅଧିକ ଲୋକ ଙ୍କ ସମାବେଶ ହେଇଥିଲା।

ସୂଚନାଯୋଗ୍ୟ ତୁର୍କେଲ ନିକଟରେ ତେଲ ନଦୀରେ ପୋଲ ମରାମତି ଦାବୀ ରେ ଆଜି ଜାତୀୟ କଂଗ୍ରେସ ପକ୍ଷରୁ ଭବାନୀପାଟଣା ବ୍ଲକ୍ ରେ ବନ୍ଦ ଡାକରା ଦିଆଯାଇଥିଲା। ତଥାପି ଲୋକେ ଆସିଥିବାରୁ ମୋକିମ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲାରେ ପ୍ରଥମକରି ଓଡ଼ିଶା ଜନତା କଂଗ୍ରେସ ର ସଭାରେ ଏତେ ସଂଖ୍ୟାରେ ଲୋକ ଯୋଗଦେବା ଘଟଣା ରାଜନୈତିକ ମହଲରେ ହଇଚ୍ଚୟ ସୃଷ୍ଟି ହୋଇଛି ।

## ରାଜ୍ୟରେ ପେଟ୍ରୋଲ-ଡିଜେଲ ଯଥେଷ୍ଟ ମହଜୁଦ ରହିଛି : ଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର: ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ । ଯଥେଷ୍ଟ ପରିମାଣରେ ମହଜୁଦ୍ ରହିଛି। ରାଜ୍ୟ ସହ ଦେଶରେ ମଧ୍ୟ ଯଥେଷ୍ଟ ମହଜୁଦ ରହିଛି। ଟାଙ୍କି କେଉଁଠି ବି ବନ୍ଦ ନାହିଁ। ସବୁଠାରେ ଖୋଲା ଅଛି। ମୁଁ ସ୍ଥିତି ଉପରେ ନଜର ରଖିଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ସେ କହିଛନ୍ତି ଯେ କୌଣସି ଟାଙ୍କି ବନ୍ଦ ପାଇଁ ନିର୍ଦ୍ଦେଶ ଯୋଗାଣ ବିଭାଗ ପକ୍ଷରୁ ହୋଇନାହିଁ । ଯାହାର ଯେତେ ତେଲର ଆବଶ୍ୟକ ନେଇ ପାରିବେ । କିନ୍ତୁ ଆମକୁ ଟିକେ ନିୟନ୍ତ୍ରଣ କରିବାକୁ ହେବ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି,ତାହାକୁ ଭୁଲ୍ ବୁଝିବା ଉଚିତ୍ ନୁହେଁ । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ପେଟ୍ରୋଲ ବ୍ୟବହାରରେ ନିୟନ୍ତ୍ରଣ ଆଣିବାକୁ ହେବ । ଆଗକୁ ହୁଏତ ପେଟ୍ରୋଲ ସମସ୍ୟା ଆସିପାରେ,ଧୀରେ ଧୀରେ ଦର୍ ବୃଦ୍ଧି ପାଇପାରେ। ଗରିବ ଲୋକ କେମିତି ପ୍ରଭାବିତ ନହେବେ,ତାହାକୁ ଧ୍ୟାନ ଦେଇ ସରକାର ନିଜେ ଅର୍ଥ ବହନ କରୁଛନ୍ତି। ଦେଶର ଅର୍ଥନୀତିକୁ ସଜାଡ଼ିବାକୁ ହେଲେ ସୁନା କିଣିବା କ୍ଷେତ୍ରରେ କିଛି ଦିନ ପାଇଁ ବିରାମ ଲଗାଇବାକୁ ଅପିଲ କରାଯାଇଛି । ଅପରପକ୍ଷରେ, କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀ ଦେଶରେ ମହଜୁଦ ଥିବା ଅଶୋଧିତ ତେଲ,ଏଲ୍‌ପିଜି ଓ ଏଲ୍‌ଏନ୍‌ଜି ସଂପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦେଶରେ ଇନ୍ଧନ ଏବଂ ରନ୍ଧନ ଗ୍ୟାସ ଯୋଗାଣ ସ୍ୱାଭାବିକ ରହିଛି।

# ମଣିଷଠୁ ମଣିଷକୁ ଡେଉଁଛି ହଣ୍ଟା ଭାଇରସ୍

ନୂଆଦିଲ୍ଲୀ: ଏବେ ବିଶ୍ୱର କିଛି ଅଂଶରେ ହଣ୍ଟା ଭାଇରସର ପ୍ରକୋପ ଜାରି ରହିଥିବା ବେଳେ କରୋନାର ଏକ ନୂଆ ଭାରିଆଣ୍ଟ ଚିହ୍ନଟ ହୋଇଛି । ବୈଜ୍ଞାନିକମାନେ କରୋନା ଭାଇରସର ଏକ ନୂତନ ଗ୍ରୁପ୍‌କୁ ଚିହ୍ନଟ କରିଛନ୍ତି। ଜାପାନ ଏବଂ ଥାଇଲ୍ୟାଣ୍ଡର ବୈଜ୍ଞାନିକମାନେ ମିଳିତ ଭାବେ ଏହି ସନ୍ଧାନ କରିଛନ୍ତି। ଟୋକିଓ ବିଶ୍ୱବିଦ୍ୟାଳୟ ଅନୁଯାୟୀ, ଏହି ଭାଇରସ ଦ୍ୱାରା ମଣିଷ ସଂକ୍ରମିତ ହେବାର ଆଶଙ୍କା ରହିଛି। ଏହି ଭାଇରସ 'ସାର୍ସ-କୋଭ-୨'ର ଏକ ନିକଟତର ଗୋଷ୍ଠୀର, ଯାହା ଚିମିଣି ଗୁମ୍ଫା ବା ବାଦୁଡ଼ିମାନଙ୍କ ଶରୀରରେ ମିଳିଥାଏ। ଟୋକିଓ ବିଶ୍ୱବିଦ୍ୟାଳୟର ମେଡିକାଲ ସାଇନ୍ସ ପ୍ରତିଷ୍ଠାନ ଏବଂ ଥାଇଲ୍ୟାଣ୍ଡର ଚୁଲାଲୋଙ୍ଗକର୍ଣ୍ଣ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ଗବେଷଣା କରାଯାଇଛି।

ବାଦୁଡ଼ି ହେଉଛି ସାର୍ସ-କୋଭ-୨ ସହିତ ଜଡ଼ିତ କରୋନା ଭାଇରସର ମୁଖ୍ୟ ବାହକ। ଏହା କୋଭିଡ-୧୯ ମହାମାରୀ ପାଇଁ ଦାୟୀ ବୋଲି କୁହାଯାଏ। ଯଦିଓ ବାଦୁଡ଼ିଙ୍କ ଶରୀରରେ ଥିବା ସାର୍ସ-କୋଭ-୨ ର ବିବିଧତା ବିଷୟରେ ଅନେକ ତଥ୍ୟ ସାମ୍ନାକୁ ଆସିଛି, ତଥାପି ଏହି ଅନ୍ତର୍ଜାତୀୟ ଗବେଷକ ଦଳ 'ହର୍ସ-ଶୁ' ବାଦୁଡ଼ିଙ୍କ ନମୁନାରୁ ଏକ ନୂଆ ଭାଇରସ ଗୋଷ୍ଠୀ ଆବିଷ୍କାର କରିଛନ୍ତି। ଏହି ଅଧ୍ୟୟନରୁ ଜଣାପଡିଛି ଯେ, କେଉଁ ବିଶେଷତା ଗୁଡ଼ିକ ଏହି ଭାଇରସକୁ ମଣିଷଙ୍କୁ ସଂକ୍ରମିତ କରିବା ପାଇଁ ସକ୍ଷମ କରିଥାଏ। ଏଣେ ଆଉ ଏକ ରହସ୍ୟମୟ ଅତ୍ୟନ୍ତ ମାରାତ୍ମକ ଭାଇରସ୍ ପୁଣି ଥରେ ମାନବଜାତି ପାଇଁ ଏକ ବଡ଼ ଚେତାବନୀ ସାଜି ଉଭା ହୋଇଛି । ଯାହାର ନାଁ ହେଉଛି 'ହଣ୍ଟା ଭାଇରସ୍' । ଏହା କୌଣସି



ସାଧାରଣ ଜ୍ୱର ନୁହେଁ, ବରଂ ଏହାର ମୃତ୍ୟୁ ହାର ୫୦ ପ୍ରତିଶତ ପର୍ଯ୍ୟନ୍ତ ! ଅର୍ଥାତ୍ ସଂକ୍ରମିତ ହେଉଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ପ୍ରାୟ ନିଶ୍ଚିତ। ଆର୍ଜେଣ୍ଟିନାର ଉସୁଆଇଆରୁ ଏକ ଅତ୍ୟାଧୁନିକ ବିଳାସପୂର୍ଣ୍ଣ କ୍ରୁଜ୍ ଜାହାଜ ଆଣ୍ଟାର୍କଟିକା ଅଭିମୁଖେ ବାହାରିଥିଲା । ୨୩ଟି ଦେଶର ପ୍ରାୟ ୧୫୦ ଜଣ ଯାତ୍ରୀ ଓ କର୍ମଚାରୀ ସେଥିରେ ଯାତ୍ରା କରୁଥିଲେ। କିନ୍ତୁ କାହାରିକୁ ଜଣାନଥିଲା ଯେ ଖୁବଶୀଘ୍ର ଏହି ଜାହାଜ ମୃତ୍ୟୁର ଯନ୍ତା ପାଲଟିବ। ଯାତ୍ରାର ମାତ୍ର ୫ ଦିନ ପରେ ଜଣେ ୭ ବର୍ଷୀୟ ଡଚ୍ ଶିଶୁ ପ୍ରବଳ ଜ୍ୱର ଓ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିଥିଲେ। ଏପ୍ରିଲ ୧୧ରେ ତାଙ୍କର ଯନ୍ତ୍ରଣାଦାୟକ ମୃତ୍ୟୁ ଘଟିଲା । ଜଣେ ବିଦେଶୀ ମହିଳା ସଂକ୍ରମିତ ହୋଇ ଦକ୍ଷିଣ ଆଫ୍ରିକାର ବିମାନବନ୍ଦରରେ ଟଳି ପଡ଼ିଲେ । ଏହା ପରେ ଜଣେ ଜର୍ମାନ ମହିଳାଙ୍କ ମଧ୍ୟ ମୃତ୍ୟୁ ହେଲା । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ତଦନ୍ତରୁ ଜଣାପଡ଼ିଲା ଯେ, ଏହା ପଛରେ ରହିଛି ମାରାତ୍ମକ ହଣ୍ଟା ଭାଇରସ୍ ।

ହେନ୍ତାଭାଇରସ୍ ମୂଷାଙ୍କ ଦେହରୁ ବ୍ୟାପିଥାଏ । ଏହା ମୁଖ୍ୟତଃ ଦୁଇଟି ରୋଗ ସୃଷ୍ଟି କରେ। ଏହା କିଡନୀକୁ ସମ୍ପୂର୍ଣ୍ଣ ଅଚଳ କରିଦିଏ । ଏହା ଫୁସଫୁସରେ ତରଳ ପଦାର୍ଥ ଭର୍ତ୍ତି କରିଦିଏ, ଯାହାଦ୍ୱାରା ରୋଗୀ ନିଶ୍ୱାସ ନେଇ ନପାରି ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରେ । ଏଯାଏଁ ବୈଜ୍ଞାନିକମାନେ ଭାବୁଥିଲେ ଯେ ଭାଇରସ୍ କେବଳ ମୂଷାଙ୍କ ଠାରୁ ମଣିଷକୁ ବ୍ୟାପେ । କିନ୍ତୁ 'ଆଣ୍ଡିସ୍ ଷ୍ଟ୍ରେନ୍' ସବୁକିଛି ବଦଳାଇ ଦେଇଛି । ଏହା ହେଉଛି ଏକମାତ୍ର ଷ୍ଟ୍ରେନ୍ ଯାହା ଜଣେ ମଣିଷ ଠାରୁ ଅନ୍ୟ ଜଣଙ୍କୁ ବ୍ୟାପିପାରେ । ଏହି ଭାଇରସରେ କିଛି ରୋଗୀ 'ସୁପର ସ୍ପ୍ରେଡର' ସାଜନ୍ତି, ଯିଏ ଅତି ଦ୍ରୁତ ଗତିରେ ଅନେକ ଲୋକଙ୍କୁ ସଂକ୍ରମିତ କରିପାରନ୍ତି । କ୍ରୁଜ୍ ଜାହାଜରେ ଏହି ଷ୍ଟ୍ରେନ୍ ହିଁ ଆତଙ୍କ ଖେଳାଇଥିଲା । ଏହି ଭାଇରସ୍ କୋଭିଡ୍ ଭଳି ବାୟୁରେ ବ୍ୟାପେ ନାହିଁ, ବରଂ ନିକଟତର ଏବଂ ଦୀର୍ଘକାଳୀନ ଶାରୀରିକ ସଂସ୍ପର୍ଶ ଦ୍ୱାରା ବ୍ୟାପିଥାଏ । ରୋଗୀର ଲାଳ, ମୂତ୍ର କିମ୍ବା ତରଳ ପଦାର୍ଥ ସଂସ୍ପର୍ଶରେ ଆସିଲେ ଏହା ହୋଇଥାଏ । ଏହି ରୋଗର ଚିକିତ୍ସା ନଥିବାରୁ ପ୍ରତିରୋଧ ହିଁ ଶେଷ ଅସ୍ତ୍ର ବୋଲି ବୈଜ୍ଞାନିକମାନେ କହିଛନ୍ତି। କୌଣସି ରହସ୍ୟମୟ ଜ୍ୱର ବା ଶ୍ୱାସକ୍ରିୟାରେ କଷ୍ଟ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ପରାମର୍ଶ ଦିଆଯାଇଛି। ଗବେଷକଙ୍କ କହିବାନୁସାରେ,ହେନ୍ତା ଭାଇରସ୍ ହୁଏତ ସବୁବେଳେ ଚର୍ଚ୍ଚାରେ ନଥାଇପାରେ, କିନ୍ତୁ ଏହା ଏକ ନୀରବ ବିପଦ । ଯେହେତୁ ଏହାର କୌଣସି ଟିକା ବା ଔଷଧ ନାହିଁ, ତେଣୁ ସଚେତନତା ହିଁ ଆମକୁ ବଞ୍ଚାଇପାରିବ ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି